ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.130 Bhubaneswar Wednesday June 28 2023 | ୨୬ତମ ବର୍ଷ ସଂଖ୍ୟା-୧୩୦ ଭୁବନେଶ୍ୱର, ବୁଧବାର, ଜୁନ ୨୮, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବଢ଼ିଲା ପାଣ୍ଡିଆନ ବିବାଦ: କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ସଚିବଙ୍କୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୭।୬(ପି.ଏନ): ବିଭିନ୍ନ ଜିଲ୍ଲା ଗସ୍ତ କରି ରାଜକୀୟ ସମ୍ବର୍ଦ୍ଧନା ସହ ସାଧାରଣ ସଭା ଓ ପ୍ରକଳ୍ପ ଘୋଷଣା କରୁଥିବା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଫାଇଭ-ଟି ସଚିବ ଭିକେ ପାଣ୍ଡିଆନଙ୍କ ପାଇଁ ଅଡୁଆ ବଢ଼ିଛି । ପାଣ୍ଡିଆନଙ୍କୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଥିବାବେଳେ ବିଜେପି ସାଂସଦ ଅପରାଜିତା ଷଡଙ୍ଗୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଲିଖିତ ଅଭିଯୋଗ ଓ ତଥ୍ୟ ଆଧାରରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ଦ୍ୱାରା ରାଜ୍ୟ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ସମ୍ପୂର୍ଣ୍ଣ ରାଜ୍ୟ ପ୍ରଶାସନ ଓ ସରକାର ଏବେ ଫାଇଭ-ଟି ସଚିବଙ୍କ ନିୟନ୍ତ୍ରଣରେ ଥିବାବେଳେ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟର ଏଭଳି ନିର୍ଦ୍ଦେଶକୁ ରାଜ୍ୟ ସରକାର କିଭଳି ଢଙ୍ଗରେ ପାଳୁଛନ୍ତି ତାକୁ ନେଇ




ପ୍ରଶାସନିକ ଓ ରାଜନୀତିକ ମହଲରେ ଚର୍ଚ୍ଚା ।କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ (ଡିଓପିଟି) ଗତକାଲି ରାଜ୍ୟ ମୁଖ୍ୟ ସଚିବଙ୍କୁ ଚିଠି ଲେଖି କହିଛି ଯେ, ଓଡିଶା କ୍ୟାଡରର ଜଣେ ଆଇଏଏସ ଅଫିସରଙ୍କ ବିରୁଦ୍ଧରେ ଗତ ଜୁନ୍ ୨୪ତାରିଖରେ ସାଂସଦ ଅପରାଜିତା ଷଡଙ୍ଗୀ ଓ ମନମୋହନ ସାମଲ ଏକ ସିଡି ଓ ପେନଡ୍ରାଇଭରେ ତଥ୍ୟ ସମ୍ବଳିତ ଅଭିଯୋଗ ଦେଇଛନ୍ତି । ଏ ସଂକ୍ରାନ୍ତରେ ସମ୍ପୃକ୍ତ ଆଇଏଏସ୍ ଅଫିସରଙ୍କ ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ଜୁନ୍ ୨୬ତାରିଖ (ଗତକାଲି) ରାଜ୍ୟ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛି ।

## ଆଡ଼ପ ମଣ୍ଡପରେ ସଂନ୍ଧ୍ୟା ଦର୍ଶନ କଲେ ଭକ୍ତ : ଆସନ୍ତାକାଲି ବାହୁଡ଼ା ଯାତ୍ରା

ପୁରୀ,୨୭।୬(ପି.ଏନ): ଭକ୍ତଙ୍କୁ ଆଡ଼ପ ମଣ୍ଡପରେ ଆଜି ସଂନ୍ଧ୍ୟା ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ପୂର୍ବ ରାତ୍ରୀ ୩ଟା ୨୦ରୁ ଶ୍ରୀଗୁଣ୍ଡିଚା ମନ୍ଦିର ଦ୍ୱାରଫିଟା, ୩ଟା ୫୦ରେ ଭିତରଶୋଧ, ଭୋର୍ ୪ଟାରେ ମଙ୍ଗଳ ଆଳତୀ, ୪ଟା ୫ ରେ ମଇଲମ, ୪ଟା ୨୫ ରେ ତଡ଼ପ ଲାଗି, ୪ଟା ୩୫ ରେ ଅବକାଶ ଠା ପୂଜା ଅନୁଷ୍ଠିତ ହୋଇଥିଲା । ଅନ୍ୟାନ୍ୟ ନୀତି ପରେ ସକାଳ ୬ଟା ୪୫ ରେ ଗୋପାଳ ବଲ୍ଲଭ ପୂଜା, ୭ଟା ୨୦ ରେ ସକାଳ ଧୂପ ପୂଜା, ପୂର୍ବାହ୍ନ ୧୦ଟା ୧୦ ରେ ଯାତ୍ରାଙ୍ଗି ମହାସ୍ନାନ ପରେ ୧୦ଟା ୩୫ରେ ଘଂଟ ଛତା ସର୍ବାଙ୍ଗ କରାଯାଇଥିଲା । ପରେ ଦିନ ୧୨ଟା ୧୦ରେ ଦ୍ୱିତୀୟ ଭୋଗ ମଣ୍ଡପ ଉଠିଥିଲା । ଆଜି ଭୋରରୁ ସଂଗ୍ରାମ କ୍ଲବ ସାମ୍ନା ବଡ଼ଦାଣ୍ଡ ଠାରୁ ଭକ୍ତ ମାନେ ଧାଡ଼ିରେ ଯାଇ ମହାପ୍ରଭୁଙ୍କୁ ଆଡ଼ପ ମଣ୍ଡପରେ ସଂନ୍ଧ୍ୟା ଦର୍ଶନ କରୁଛନ୍ତି । ବାହାରେ ଯେପରି ଧାଡ଼ି କରାଯାଇଛି, ମନ୍ଦିର ଭିତରେ ସେପରି ଧାଡ଼ି ବ୍ୟବସ୍ଥା ନଥିବାରୁ ଗରୁଡ଼ ସ୍ତମ୍ଭ ନିକଟକୁ ଯିବା ବେଳେ ପ୍ରବଳ ଗହଳି ଓ ଠେଲାପେଲା ଅବସ୍ଥା ସୃଷ୍ଟି ହେଉଛି । ଆଜି ଶେଷ ଦିନରେ ଭକ୍ତ ମାନେ ଶ୍ରୀଗୁଣ୍ଡିଚା ମନ୍ଦିର ଆନନ୍ଦ ବଜାରରେ ଆଡ଼ପ ଅବଢ଼ା ସେବନ କରୁଥିବା ଦେଖିବାକୁ ମିଳିଛି। ଏହି ସଂନ୍ଧ୍ୟା ଦର୍ଶନ ସକାଳୁ ଆରମ୍ଭ ହୋଇଥିବା ବେଳେ ଅପରାହ୍ନ ୫ଟାରେ ଶେଷ ହୋଇଛି । ପରେ ଭିତର ଦ୍ୱାର ବନ୍ଦ କରାଯାଇ ବାହୁଡ଼ା ଯାତ୍ରା ପାଇଁ ଦଇତାପତିଙ୍କ ଗୁପ୍ତ ସେବା ଓ ନୀତି ଆରମ୍ଭ ହୋଇଛି । ଅପରାହ୍ନ ୫ଟା ଠାରୁ ଦର୍ଶନ ବନ୍ଦ ରହିଥିଲେ ମଧ୍ୟ ଭକ୍ତ ମାନେ ନାକଚଣା ଦ୍ୱାର ଦେଇ ଆନନ୍ଦବଜାରରୁ ରାତି ୧୨ଟା ପର୍ଯ୍ୟନ୍ତ ଆଡ଼ପ ଅବଢ଼ା ପାଇପାରିବେ । ସଂନ୍ଧ୍ୟା ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ଓ ବାହାରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା । ୨୮ ତାରିଖ ବାହୁଡ଼ା ଯାତ୍ରା, ୨୯ରେ ସୁନାବେଶ ଅନୁଷ୍ଠିତ ହେବ । ୩୦ ତାରିଖରେ ରଥ ଉପରେ ଅଧରପଣା ନୀତି ସମ୍ପନ୍ନ ହେବ । ଜୁଲାଇ ୧ ତାରିଖରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ସୂତ୍ରରୁ ଜଣାପଡିଛି ।

## ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗ ଦିଗପହଣ୍ଡି ରେଞ୍ଜରଙ୍କ ବାସଭବନ ସମେତ ଏକକାଳୀନ ତିନୋଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ

ଗଞ୍ଜାମ, ୨୭।୬(ପି.ଏନ): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ ଭିଜିଲାନ୍ସ ଜାଲରେ ପଡିଛନ୍ତି । ରେଞ୍ଜରଙ୍କ ଦିଗପହଣ୍ଡି ସ୍ଥିତ ସରକାରୀ ବାସଭବନ ସମେତ ଏକକାଳୀନ ତିନୋଟି ସ୍ଥାନରେ ଚଢ଼ଉ କରିଛି ଭିଜିଲାନ୍ସ । ଗତକାଲି ବିଳମ୍ବିତ ରାତିରେ ଦିଗପହଣ୍ଡିରୁ ବ୍ରହ୍ମପୁର ସ୍ଥିତ ବାସଭବନକୁ ସେ ନିଜ କାର୍ ଯୋଗେ ଫେରୁଥିବା ବେଳେ ଭିଜିଲାନ୍ସର ୬ ଜଣିଆ ଟିମ୍ ଗଣିଆନାଳ ଠାରେ ତାଙ୍କ କାର୍ କୁ ଅଟକାଇ ଯାଂଚ୍ କରିଥିଲେ । ଯାଂଚ୍ ବେଳେ ଗାଡି ଭିତରୁ ନଗଦ ୧ ଲକ୍ଷ ୫୮ ହଜାର ଟଙ୍କା ଜବତ ହୋଇଥିଲା । ତେବେ ଏହି ଟଙ୍କା ସେ କେଉଁଠୁ ଆଣିଥିଲେ ସେ ସମ୍ପର୍କରେ କୌଣସି ସନ୍ତୋଷଜନକ ଉତର ଦେଇପାରିନଥିଲେ । ଏହାପରେ ଭିଜିଲାନ୍ସ ଟିମ୍ ଦିଗପହଣ୍ଡି ସ୍ଥିତ ତାଙ୍କ କାର୍ଯ୍ୟାଳୟ, ସରକାରୀ ବାସଭବନ ସମେତ ବ୍ରହ୍ମପୁର ତୁଳସୀନଗର ସପ୍ତମ ଲେନ୍ ରେ ଥିବା ଘର ଉପରେ ଚଢ଼ଉ କରି ଯାଂଚ୍ କରିଥିଲେ । ସେହିପରି ଅନ୍ୟ ଏକ ସ୍ଥାନରେ ଚଢ଼ଉ କରି ନଗଦ ୩ ଲକ୍ଷ ଟଙ୍କା ସମେତ ଦାମୀ ଆସବାବପତ୍ର ଏବଂ ଜମିଜମା ରେକର୍ଡ଼ପତ୍ର ଜବତ କରିଛନ୍ତି । ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ ।

## ପତ୍ନୀହନ୍ତା ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କୁ ଆଜୀବନ ଜେଲ୍

ଭୁବନେଶ୍ୱର,୨୭।୬(ପି.ଏନ): ପତ୍ନୀହନ୍ତା ପୂର୍ବତନ ବିଧାୟକଙ୍କୁ ଆଜୀବନ ଜେଲ । ଗୁଣୁପୁରର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି ଭୁବନେଶ୍ୱର ସ୍ୱତନ୍ତ୍ର ଏଡିଜେ-୩ କୋର୍ଟ । ଆଜୀବନ କାରଦଣ୍ଡ ସହିତ ୫୦ହଜାର ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ । କୋରିମାନା ଅନାଦେୟ ଏକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ । ଏହା ସହିତ ପ୍ରମାଣ ନଷ୍ଟ ପାଇଁ ୧୦ହଜାର ଟଙ୍କା ଫାଇନ ଅନାଦେୟ ୬ ମାସ ଜେଲ ଦଣ୍ଡ ଶୁଣାଇଛନ୍ତି କୋର୍ଟ । ୧୯୯୫ ମସିହା ଅଗଷ୍ଟ ୨୯ରେ ବିଧାୟକ କ୍ୱାର୍ଟର୍ସରେ ପତ୍ନୀ ଶଶୀରେଖା ଗମାଙ୍ଗଙ୍କୁ ପୋଡ଼ି ମାରିଥିଲେ ଗୁଣୁପୁରର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ ।ଏହି ସମୟରେ ତାଙ୍କ ପତ୍ନୀ ଗର୍ଭବତୀ ମଧ୍ୟ ଥିଲେ । ହତ୍ୟା କରିବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଥିଲେ ପୂର୍ବତନ ବିଧାୟକ । ଆତ୍ମହତ୍ୟା ନେଇ ଥାନାରେ ଏତଲା ମଧ ଦେଇଥିଲେ ପୂର୍ବତନ ବିଧାୟକ । ଖାରବେଳ ନଗର ଥାନାରେ ଏତଲା ପରେ ତଦନ୍ତ କରିଥିଲା ପୋଲିସ । ପ୍ରଥମେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ପରେ ହତ୍ୟା ମାମଲା ରୁଜୁ କରିଥିଲା ପୋଲିସ ।୨୮ ବର୍ଷ ପରେ ମତ ପଦାକୁ ଆସିବା ସହିତ ରାମମୂର୍ତ୍ତିଙ୍କୁ ଦଣ୍ଡ ଶୁଣାଇଛନ୍ତି ଭୁବନେଶ୍ୱର ଏଡିଜେ-୩ କୋର୍ଟ । ୧୧ ଜଣ ସାକ୍ଷୀ ଓ ୧୫ଟି ଦସ୍ତାବିଜ ଆଧାରରେ ଦଣ୍ଡାଦେଶ ହୋଇଛି । ରାମମୂର୍ତ୍ତି ୧୯୯୦ ମସିହାରେ ଜନତା ଦଳରୁ ବିଧାୟକ ହୋଇଥିବାବେଳେ ୨୦୦୨ରୁ ୨୦୦୪ ମସିହା ପର୍ଯ୍ୟନ୍ତ ବିଜେପିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସରକାରଙ୍କ ତରଫରୁ ସ୍ପେଶାଲ ପିପି ଭାବେ ରଶ୍ମିରଞ୍ଜନ ବ୍ରହ୍ମା ମାମଲା ପରିଚାଳନା କରୁଥିଲେ ।

## ଆଡପ ମଣ୍ଡପରେ ଠାକୁର ଦର୍ଶନ ପରେ ଚାଲିଗଲା ଜୀବନ

ଭୁବନେଶ୍ୱର,୨୭।୬(ପି.ଏନ): ଆଡପ ମଣ୍ଡରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ହେଲା ଶେଷ ଦର୍ଶନ। ମହାପ୍ରଭୁଙ୍କୁ ଆଡପ ମଣ୍ଡପରେ ଦର୍ଶନ କରି ଫେରିବା ବେଳେ ଭକ୍ତଙ୍କ ମୃତ୍ୟୁ ହୋଇଛି। ଆଜି ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଏହି ଅଘଟଣ ଘଟିଛି। ମୃତ ଭକ୍ତ ହେଉଛନ୍ତି କାକଟପୁର ଅଞ୍ଚଳର ଲକ୍ଷ୍ମୀଧର ଖୁଣ୍ଟିଆ ।ସେ ଗୁଣ୍ଡିଚା ମନ୍ଦିରରେ ଦର୍ଶନ ସାରି ଫେରିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି



କରିଥିଲେ। ହେଲେ ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ ଡାକ୍ତର। ଏହି ଘଟଣା ପରେ ପରିଜନମାନେ ଦୁଃଖରେ ଭାଙ୍ଗି ପଡିଛନ୍ତି।

## ଦିଗପହଣ୍ଡି ଦୁର୍ଘଟଣା ପାଇଁ ସରକାରୀ ବସ୍ ଡ୍ରାଇଭର ଦାୟୀ, ଆଖି ଲାଗି ଯାଇଥିଲା

ଭୁବନେଶ୍ୱର,୨୭।୬(ପି.ଏନ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ରେ ବସ୍ ଦୁର୍ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏଥିପାଇଁ ଦାୟୀ ହେଉଛନ୍ତି ସରକାରୀ ବସ୍ ଡ୍ରାଇଭର। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତରୁ ତାଙ୍କ ବେପରୁଆ ଡ୍ରାଇଭିଂ ଯୋଗୁ ଏହି ଦୁର୍ଘଟଣା ଘଟିଥିଲା ବୋଲି ଆଜି ବ୍ରହ୍ମପୁର ଏସ୍‌ପି ଶ୍ରବଣ ବିବେକ କହିଛନ୍ତି ।ଏସ୍‌ପି କହିଛନ୍ତି, ଦୁର୍ଘଟଣାଗ୍ରସ୍ତ ଉଭୟ ବସ୍ ଡ୍ରାଇଭର ମଦ ପିଇଥିଲେ କି ନାହିଁ, ତାହା ପରୀକ୍ଷା କରାଯାଇଥିଲା। ଫଳାଫଳ ନେଗେଟିଭ ଆସିଛି। ସରକାରୀ ବସର ଡ୍ରାଇଭରର ଦ୍ରୁତ ଗତିରେ ଗାଡି ଚଳାଇବା ସହିତ ତାଙ୍କ ଆଖି ପଡିଯିବା ଯୋଗୁ ଏହି ଦୁର୍ଘଟଣା




ଘଟିଥିବା ଜଣାପଡିଛି। ବେପରୁଆ ଗାଡି ଚାଳନା ପାଇଁ ତାଙ୍କୁ ୩୦୪ (ଅବହେଳା) ଦଫାରେ ଗିରଫ କରାଯାଇଛି ।ଏସ୍‌ପି ଆହୁରି କହିଛନ୍ତି ଯେ ଦୁର୍ଘଟଣାଗ୍ରସ୍ତ ଘରୋଇ ବସ୍‌ର ମାଲିକ ତଦନ୍ତରେ ସହଯୋଗ କରୁନାହାନ୍ତି। ତାଙ୍କୁ ନୋଟିସ ପଠାଇବୁ। ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ।

## ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୭।୬(ପି.ଏନ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ବର୍ତ୍ତମାନ ଉତ୍ତର ଛତିଶଗଡ଼ ଓ ଏହାର ପାର୍ଶ୍ୱବର୍ତୀ ଅଞ୍ଚଳରେ ୭.୬ କିଲୋମିଟର ପର୍ଯ୍ୟନ୍ତ ବ୍ୟାପ୍ତ ରହିଛି। ଏହାସହିତ ଏକ ନିମ୍ନଚାପ ରେଖା ରାଜସ୍ଥାନରୁ ଉତ୍ତର ପୂର୍ବ ବଙ୍ଗୋପସାଗରରେ ରହିଛି। ଫଳରେ ଏହି ଦୁଇ ପ୍ରକାରର ସ୍ଥିତି ଯୋଗୁଁ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ତଥା ଉତ୍ତର ଓଡ଼ିଶାରେ କିଛି ସ୍ଥାନରେ ପ୍ରବଳ ବର୍ଷିବା ନେଇ ଅନୁମାନ କରାଯାଉଛି। ତେବେ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ବର୍ଷାର ବିସ୍ତୃତି ଓ ପରିମାଣ ହ୍ରାସ ପାଇବ ।ଆସନ୍ତା ୨୪ ଘଣ୍ଟା ପରେ ରାଜ୍ୟରେ ବର୍ଷା କମିବ। ଲଘୁଚାପ କ୍ଷେତ୍ର ସୃଷ୍ଟି ସହ ମୌସୁମୀ ବାୟୁ ଚଳନ ସୁଗମ ହୋଇଛି। ଗତ ୨ଦିନରେ ଯଥେଷ୍ଟ ବର୍ଷା ରେକର୍ଡ ହୋଇଥିବା ବେଳେ ଆଜି ମଧ ସମୁଦ୍ର ଅଶାନ୍ତ ରହିବ ।ଅଧିକ ବର୍ଷା କୃଷି ପାଇଁ ଉପଯୋଗୀ ହୋଇଥିଲେ ହେଁ ଖାଲୁଆ ଅଞ୍ଚଳରେ ଜଳ ନିଷ୍କାସନ ନହୋଇ ପନିପରିବା ନଷ୍ଟ ହେବାର ଆଶଙ୍କା କରାଯାଇ ପୂର୍ବରୁ ସତର୍କ ଦିଆଯାଇଥିଲା। ତେବେ ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଖରିଫ ଫସଲ ପାଇଁ ପାଣିପାଗ ଅନୁକୂଳ ରହିବ ବୋଲି କହିଛନ୍ତି ପାଣିପାଗ ବିଜ୍ଞାନୀ ।

## ଭିଜିଲାନ୍ସ ପଞ୍ଝାରେ ରିଆମାଳ ବ୍ଲକ ଆକାଉଣ୍ଟସ ଅଫିସର

ଦେବଗଡ,୨୭।୬(ପି.ଏନ୍): ଭିଜିଲାନ୍ସ ପଞ୍ଝାରେ ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଆକାଉଣ୍ଟସ ଅଫିସର। ଅଙ୍ଗନବାଡି କୋଠା ନିର୍ମାଣ ପରେ ବିଲ୍ ପାସ ପାଇଁ ଠିକାଦାରଙ୍କ ଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିଲେ ରାଜେନ୍ଦ୍ର। ଲାଞ୍ଚ ନେବା ବେଳେ ରେଡ୍ ହ୍ୟାଣ୍ଡେଡ ଧରିଲା ଦେବଗଡ଼ ଦୁର୍ନୀତି ନିବାରଣ ବିଭାଗ। ରିଆମାଳ ବ୍ଲକ ଅଧୀନ ଟିଙ୍କବୀର ଗାଁରେ ଏକ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ହୋଇଥିଲା ।ଏହି କୋଠାର ବିଲ ପାସ ପାଇଁ ଠିକାଦାର ବିଜୟ ନାୟକଙ୍କ ଠାରୁ ୬ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ ରାଜେନ୍ଦ୍ର। ଏନେଇ ବିଜୟଙ୍କ ଅଭିଯୋଗ ପରେ ଦେବଗଡ଼ ଦୁର୍ନୀତି ନିବାରଣ ବିଭାଗ ଡିଏସପି ଯୋଗେଶ ପ୍ରସାଦ ପଟେଲଙ୍କ ନେତୃତ୍ୱରେ ଭିଜିଲାନ୍ସ ବିଭାଗ ତଦନ୍ତ ଆରମ୍ଭ କରିଥିଲା। ଆଜି ଠିକାଦାର ବିଜୟଙ୍କ ଠାରୁ ଆକାଉଣ୍ଟ ଅଫିସର ରାଜେନ୍ଦ୍ର ଲାଞ୍ଚ ନେଉଥିବା ବେଳେ ଧରିଛି ଭିଜିଲାନ୍ସ । ରାଜେନ୍ଦ୍ରଙ୍କ ବେଆଇନ ସମ୍ପତି ନେଇ ତଦନ୍ତ ଜାରି ରଖିଛି ଭିଜିଲାନ୍ସ।

## ରାଜଧାନୀରୁ ମହିଳାଙ୍କ ମୃତ ଦେହ ଉଦ୍ଧାର

ଭୁବନେଶ୍ୱର, ୨୭।୬(ପି.ଏନ): ରାଜଧାନୀର କଟକ ରୋଡ୍ ଚିନ୍ତାମଣିଶ୍ୱର ଜେନା କଲୋନିରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ମହିଳାଜଣକ ବେକରେ ଶାଢ଼ି ଲଗାଇ ମହିଳା ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ।ମିଳିଥିବା ସୂଚନା ଅନୁସାରେ ମୃତ ମହିଳାଙ୍କ ନାମ ଜେ.କେ ମିଳନ୍ । ସେ ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତ ମହିଳାଙ୍କ ବୟସ ପାଖାପାଖି ୪୦ ବର୍ଷ ବୋଲି କୁହାଯାଉଛି। ଆତ୍ମହତ୍ୟା କରିବା ସମୟରେ ମିଳନଙ୍କ ସ୍ୱାମୀ ମଧ ଘରେ ନଥିବା କୁହା ଯାଉଛି ।

## ନିଜ ନିର୍ବାଚନମଣ୍ଡଳୀ ସମସ୍ୟା ସମାଧାନରେ ବିଫଳ ଅପରାଜିତା: ବିଜେଡି

ଭୁବନେଶ୍ୱର,୨୭।୬(ପି.ଏନ): ଗତ ଚାରିବର୍ଷ ମଧ୍ୟରେ ସାଂସଦ ଭାବରେ ଅପରାଜିତା ଷଡଙ୍ଗୀ ଭୁବନେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀରେ ଲୋକଙ୍କ ସମସ୍ୟା ସମାଧାନରେ ବିଫଳ ହୋଇଥିବା କହିଛନ୍ତି ବିଜେଡି ମୁଖପାତ୍ର ଶ୍ରୀମତୀ ଶ୍ରୀମୟୀ ମିଶ୍ର । ମଙ୍ଗଳବାର ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ମିଶ୍ର କହିଥିଲେ ଯେ ଯେତେବେଳେ ବି ବର୍ଷା ଆସେ, ଭୁବନେଶ୍ୱରର ଇସ୍କନ୍ ମନ୍ଦିର ନିକଟରେ ଥିବା ଜାତୀୟ ରାଜପଥରେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହୁଏ। ଗତ ୪ ବର୍ଷ ଧରିଏହି ଅଂଚଳର ସାଂସଦ ହୋଇଥିଲେ ମଧ ଏହି ସମସ୍ୟା ଦୂର କରିବା ପାଇଁ ସେ କ'ଣ କରିଛନ୍ତି ? ଭୁବନେଶ୍ୱରରୁ ଖୋରଧା ପର୍ଯ୍ୟନ୍ତ ଜାତୀୟ ରାଜପଥ କାର୍ଯ୍ୟ ଗତ ଚାରିବର୍ଷ ଧରି ସରୁ ନାହିଁ । ଏମ୍ବକୁ ସଂଯୋଗ କରୁଥିବା ରାସ୍ତା, ପାତ୍ରପଡା, ଯାଆଁଳା ଏବଂ ଭୁବନେଶ୍ୱର-ଖୋରଧା ଜାତୀୟ ରାଜପଥର ଅନେକ ସ୍ଥାନରେ ଓଭିରବ୍ରିଜ ନିର୍ମାଣକାର୍ଯ୍ୟ ଅବ୍ୟବସ୍ଥା ମଧ୍ୟରେ ରହିଛି। ଜାତୀୟ ରାଜପଥ କାର୍ଯ୍ୟ ମନ୍ଥର ଗତିରେ ଚାଲିବାରୁ ଏହି ଦୁଇଟି ସହର ମଧ୍ୟରେ ଯାତ୍ରୀମାନେ ଘଂଟା ଘଂଟା ଧରି ରାସ୍ତାରେ ଅଟକି ରହୁଥିଲେ ମଧ ସାଂସଦ ଭାବରେ ଏହି ସମସ୍ୟାର ସମାଧାନ ପାଇଁ କ'ଣ କରିଛନ୍ତି ? ଏନଏଚଏଆଇ ଦ୍ୱାରାକରାଯିବାକୁ ଥିବା ଭୁବନେଶ୍ୱରର କ୍ୟାପିଟାଲ୍ ରିଜିଅନ୍ ଆଉଟର୍ ରିଙ୍ଗରୋଡ୍ କେବଳ ଫାଇଲ୍‌ରେ ସୀମିତ ଅଛି । ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀରେ ଟେଲିକମ୍ ସଂଯୋଗ ବିଶେଷ ଭାବରେ ବେଗୁନିଆ, ବୋଲଗଡ, ବାଲିଅନ୍ତା ଏବଂ ବାଲିପାଟଣା ବ୍ଲକ ସହିତ ବରିମୁଣ୍ଡା, କଳାରାହାଙ୍ଗ, ବାସୁଆଗାଇ, ଇଟିପୁର, ଟିକରାପଡା, ଧଉଳି, ଶିଶୁପାଳ, ଗଡହଳଦିଆ, କେରଙ୍ଗ, ମାଳିପୁର, ଟାଙ୍ଗିଆପଡା, ପୁବସାହି ନାଳିପଡା-ଅର୍ଜୁନପୁର ଭଳି ବହୁ ସ୍ଥାନରେ ଅତ୍ୟନ୍ତ ଦୁର୍ବଳ । ଗତ ଚାରି ବର୍ଷରେ ଏହାର ଉନ୍ନତି ପାଇଁ ସେ କିଛି କରିନାହାନ୍ତି ।ବ୍ୟାକିଙ୍ଗସେବା ମଧ ଖୋରଧା ଜିଲ୍ଲାର ବିଭିନ୍ନ ପଂଚାୟତ ଯଥା ଚନ୍ଦକା, ଦାରୁଠେଙ୍ଗ, ଅନ୍ଧାରୁଆ, ପାଇକରାପୁର, ମେଣ୍ଢାଶାଳ, ତମାଣ୍ଡୋ, ନାନପୁଟ, କାନପୁର, ଧଉଳିମୁହଁ, ବ୍ରଜମୋହନପୁର, ନାରଣଗଡ, ଗୋଡିପଡା, ଜଙ୍କିଆ, ଗୋଳବାଇଶାସନ, ଓରାବରସିଂହ, କୁରାଡ଼ମଲ, ବଙ୍ଗିଦା ଏବଂ କାଇପଦର ପଞ୍ଚାୟତ ଏବଂ ଟାଙ୍ଗି ବ୍ଲକରେ ମଧ ଅତ୍ୟନ୍ତ ଦୁର୍ବଳ ।

## ୨୯ରେ ହିଂସାଗ୍ରସ୍ତ ମଣିପୁର ଯିବେ ରାହୁଲ ଗାନ୍ଧି

ଭୁବନେଶ୍ୱ,୨୭।୬(ପି.ଏନ): ଆଦିବାସୀ ଓ ଅଣ ଆଦିବାସୀଙ୍କ ସଂଘର୍ଷ ଯୋଗୁ ଅଶାନ୍ତ ହୋଇ ପଡିଥିବା ମଣିପୁରରେ ଶାନ୍ତି ଫେରିବାର ନାଁ ଧରୁନି। ୫୦ରୁ ଅଧିକ ଦିନ ହେଲା ଲୋକମାନେ ଇଣ୍ଟରନେଟ ଠାରୁ ଆରମ୍ଭ କରି ଅନେକ ପ୍ରକାରର ମୌଳିକ ଅଧିକାରୀରୁ ବଞ୍ଚିତ ହୋଇ ରହିଛନ୍ତି। ଦିନକୁ ଦିନ ମଣିପୁରର ସ୍ଥିତି ବିଗିଡିବାରେ ଲାଗିଥିବା ବେଳେ କେନ୍ଦ୍ର ସରକାର ଖୁବଶୀଘ୍ର ଶାନ୍ତି ଫେରିବ ବୋଲି ଆଶ୍ୱସନା ଦେଇ ଚାଲିଛନ୍ତି ।ଏସବୁ ଭିତରେ ଆସନ୍ତା ୨୯ ତାରିଖରେ ହିଂସାଗ୍ରସ୍ତ ମଣିପୁର ଯିବେ କଂଗ୍ରେସ ନେତା ରାହୁଲ ଗାନ୍ଧି। ସେ ୨୯ ଓ ୩୦ ଦୁଇ ଦିନ ଧରି ମଣିପୁରରେ ରହି ସ୍ଥିତିକୁ ପରଖିବେ। ଏନେଇ କଂଗ୍ରେସର ସାଧରଣ ସମ୍ପାଦକ କେସି ଭେନୁଗୋପାଲ ସୂଚନା ଦେଇଛନ୍ତି।



## ବୁଢାନଦୀର ରୁଢିଆ ଘାଟରୁ ଚାଲିଛି ବେଆଇନ ବାଲି ଚାଲାଣ, ପ୍ରଶାସନ ନୀରବ ଦ୍ରଷ୍ଟା

କୋରାଇ, ୨୭।୬(ପି.ଏନ): ବର୍ଷା ଦିନ ସତ୍ୱେ ମଧ୍ୟ ନଦୀରେ ବନ୍ୟା ଜଳ ଆସିନି । ଜୁନ ୧୫ରୁ ବାଲି ଘାଟରୁ ବାଲି ଉଠାଣ ବନ୍ଦ କରାଯାଇଥିବା ସତ୍ୱେ ମଧ୍ୟ ବାଲି ଘାଟରୁ ବାଲି ଉଠାଣ ବନ୍ଦ ହୋଇନାହିଁ । ଏ ଦିଗରେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ବେଳେ ଚୋରା ଚାଲାଣ ବନ୍ଦ ହେବାର ନା ଧରୁନାହିଁ। ବରଂ ଚୋରା ଚାଲାଣ ଅଧିକ ମାତ୍ରାରେ ବୃଦ୍ଧି ପାଇଛି। ସମ୍ପୂର୍ଣ୍ଣ ବେଆଇନ ଭାବେ ବିନା ନିଲାମ ଘାଟରୁ ବାଲି ଚୋରା ଚାଲାଣ ମେସିନ ଓ ଭାରୀଯାନ ସହାୟତାରେ ରାସ୍ତା କଡରୁ ହେଉଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି । କାହା ଚାପରେ ଚେପା ପ୍ରଶାସନ ତାହା ବିଡମ୍ବନାର ବିଷୟ । କେଉ ଅଦୃଶ୍ୟ ଶକ୍ତି ଦ୍ୱାରା ସ୍ୱଷ୍ଟ ଦିବାଲୋକରେ ବାଲି ଉଠୁଛି ତାହା ତଦନ୍ତ ସାକ୍ଷେପ । ବୈତରଣୀ ନଦୀର ଶାଖା ନଦୀ ବୁଢା ନଦୀର ରୁଢିଆ ବ୍ରିଜ ନିକଟସ୍ଥ ବାଲି ଘାଟକୁ ବ୍ରିଜ ଭୁଷୁଡିବା ପରେ ନିଲାମ ବନ୍ଦ ରଖାଯାଇଛି । ଫଳରେ ଏହି ବାଲି ଘାଟରୁ ବାଲି ଉଠାଣକୁ ପ୍ରଶାସନ ବନ୍ଦ ରଖିଛି । କିନ୍ତୁ ପ୍ରତ୍ୟେହ ଦିବା ରାତ୍ରୀ ମେସିନ ଓ ହାଇୱା ମାଧ୍ୟମରେ ବାଲି ଚୋରା ଚାଲାଣ ଚାଲିଛି। କିଛି ମୁଷ୍ଟିମେୟ ବ୍ୟକ୍ତି ଏହି ବାଲିଘାଟ ଚଳାଉଥିବା ସୂଚନା ମିଳିଛି । ଜିଲ୍ଲା ପ୍ରଶାସନ ସବୁ ଦେଖି ନଦେଖିବାର ଅଭିନୟ କରୁଛି। ଉଭୟଙ୍କ ସଲାସୁତାରାରେ ଏହି ବାଲିଘାଟ ଚାଲୁଥିବାରୁ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହି। ଏମିତିକି ଯଦି କୌଣସି ସ୍ଥାନୀୟ ବ୍ୟକ୍ତି ଏହାର ପ୍ରତିବାଦ କଲା ତାକୁ ସେ ବେଆଇନ ବାଲି ଚାଲାଣରେ ଭାଗୁଆଳ କରି ଦିଆଯାଉଛି । ଫଳରେ ସମସ୍ତଙ୍କ ପାଟି ଚୁପ । କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ଯାତାୟତର ରାସ୍ତା ହୋଇଥିବା ବେଳେ ଓ ସମସ୍ତେ ଏହା ଦେଖି ନୀରବ ରହିବା ପଛରେ କିଏ ତାହା ଚର୍ଚ୍ଚାର ବିଷୟ ପାଲଟିଛି । ବେଆଇନ ବାଲି ଉଠାଣ ଯୋଗୁ ବୁଢା ନଦୀର ବ୍ରିଜଟି ଭୁଷୁଡି ପଡିଥିଲା । ପୁଣି ଏହି ବେଆଇନ ବାଲି ଚାଲାଣ ଯୋଗୁ ଆଉ ଏକ ବଡଧରଣର ଅଘଟଣକୁ ଏଡାଇ ଦିଆଯାଇ ନପାରେ। ଏ ଦିଗରେ ପ୍ରଶାସନ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା। ଯାଜପୁର ତହସିଲ ଓ ପାଣିକୋଇଲି ପୁଲିସ କାର୍ଯ୍ୟାନୁଷ୍ଠାନ କେବେ ଗ୍ରହଣ କରିବ ତାକୁ ସମସ୍ତଙ୍କ ଅପେକ୍ଷା ।

## ଖରାପ ପାଗ ଯୋଗୁଁ ଫସିଲା ମମତାଙ୍କ ହେଲିକେପ୍ଟର, ଜରୁରୀକାଳୀନ ଅବତରଣ

କୋଲକାତା, ୨୭।୬(ପି.ଏନ): ଖରାପ ପାଗ ଯୋଗୁଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ହେଲିକେପ୍ଟର ମଝି ଆକାଶରେ ଫସି ଯାଇଥିଲା, ଯେଉଁଥିପାଇଁ ଏହାକୁ ଜରୁରୀକାଳୀନ ଅବତରଣ କରିବାକୁ ପଡିଥିଲା । ତେବେ ହେଲିକେପ୍ଟରରୁ ଓହ୍ଲାଇବା ବେଳେ ମୁଖ୍ୟମନ୍ତ୍ରୀ ମମତାଙ୍କ ଅଂଟା ଏବଂ ଗୋଡରେ ସାମାନ୍ୟ ଆଘାତ ଲାଗିଛି । ମମତା ମଙ୍ଗଳବାର ଅପରାହ୍ନରେ ଉତର ବଙ୍ଗାଳର ଜଲପାଇଗୁଡିର କ୍ରାନ୍ତୀରୁ ବାଗଡୋଗରା ବିମାନବନ୍ଦର ଅଭିମୁଖେ ଯାଉଥିଲେ । ସେଠାରୁ ଫ୍ଲାଇଟ୍ ଧରି ତାଙ୍କୁ କୋଲକାତା ଫେରିବାର ଥିଲା । ତେବେ ବିମାନରେ ଯାଉଥିବା ସମୟରେ ହଠାତ୍ ମଝି ଆକାଶରେ ବାଦଲ ଘେରିଯିବାରୁ ଅନ୍ଧକାର ଛାଇ ଯାଇଥିଲା । ଏବଂ ଭୀଷଣ ବର୍ଷା ଆରମ୍ଭ ହୋଇଯାଇଥିଲା । ତେବେ ପାଇଲଟ୍ ତୁରନ୍ତ ହେଲିକେପ୍ଟରକୁ ସଫା ଆକାଶ ଆଡକୁ ନେଇ ଯାଇଥିଲେ । କିଛି ସମୟ ମଧ୍ୟରେ ପାଇଲଟଙ୍କୁ ଭାରତୀୟ ବାୟୁସେନାର ସେବକ ଏୟାରବେସ୍ ଦୃଷ୍ଟିଗୋଚର ହୋଇଥିଲା । ଏବଂ ସେ ସେଠାରେ ଏହି ହେଲିକେପ୍ଟରକୁ ଜରୁରୀକାଳୀନ ଅବତରଣ କରାଇଥିଲେ । ହେଲିକେପ୍ଟରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତେ ସୁରକ୍ଷିତ ଅଛନ୍ତି ।ପୋଲିସ ସୂତ୍ରରୁ ପ୍ରକାଶ ଯେ, ହେଲିକେପ୍ଟରରୁ ଓହ୍ଲାଇବା ବେଳେ ମୁଖ୍ୟମନ୍ତ୍ରୀ ମମତାଙ୍କ ଅଂଟା ଏବଂ ଗୋଡରେ ସାମାନ୍ୟ ଆଘାତ ଲାଗିଛି । ଏୟାରବେସ୍ ରେ ହିଁ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଛି । ସେଠାରୁ ସଡ଼କ ପଥରେ ମମତା ବାଗଡୋଗରା ବିମାନବନ୍ଦର ଅଭିମୁଖେ ଯାତ୍ରା କରିଛନ୍ତି।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧିରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧି ନ ମିଳିପାରିବା ସ୍ଥିତିରେ ଗାଈ ଦୁଧିର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ



ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦




ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଟିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ସରକାରୀ ଜମିରେ ପୋଖରୀ ଖୋଳିବା ମହଙ୍ଗା ପଡିଲା



ମାଲକାନଗିରି: ଜଙ୍ଗଲ କଡ଼ରେ ଥିବା ସରକାରୀ ଜମିରେ ଜେସିବି ମେସିନ ଲଗାଇ ରାତାରାତି ବେଆଇନ ଭାବେ ପୋଖରୀ ଖନନ କରିବା ମହଙ୍ଗା ପଡିଲା। ଘଟଣା ସ୍ଥଳରେ ତହସିଲଦାର ଓ ପୋଲିସ ପହଞ୍ଚି ଲକ୍ଷେ ଟଙ୍କା ଜରିମାନା କରାଯିବ ସହ ପୋଖରୀ ଖନନରେ ବ୍ୟବହୃତ ଜେସିବିକୁ ଜବତ କରାଯାଇଥିବା ଜଣାପଡ଼ିଛି। ଘଟଣାଟି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ କାମବେଡାର ଏମଭି-୩୫ ଗ୍ରାମରେ ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଏମଭି-୩୫ ଗ୍ରାମର ସତ୍ୟ ବିଶ୍ୱାସଙ୍କ ପୁଅ ମାଣିକ ବିଶ୍ୱାସ ପୂର୍ବରୁ ଜଙ୍ଗଲ ଜମି କଡେ ଏକ ଘର ତିଆରି କରିଥିଲେ । ପରେ ସେଠାରେ ପୋଖରୀ ଖନନ କରିବା ନିମନ୍ତେ ପ୍ରୟାସ କରିଥିଲେ। ତେବେ ଏହି ଖବର ଶୁଣିବା ମାତ୍ରେ ରାଜସ୍ୱ ନିରୀକ୍ଷକ ଆସି ଏପରି ଆଇନ ବିରୋଧୀ କାର୍ଯ୍ୟ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ତଥାପି ଉକ୍ତ ଅସାଧୁ ବ୍ୟକ୍ତି ଜଣକ ରାଜସ୍ୱ ନିରୀକ୍ଷକଙ୍କ କଥା ନ ଶୁଣି ନିଜ ମନ ମୁତାବକ ଏକ ବୃହତ ଅଞ୍ଚଳରେ ଜେସିବି ମେସିନ ଲଗାଇ ରାତାରାତି ପୋଖରୀ ଖନନ କାର୍ଯ୍ୟ ଆରମ୍ଭ କରିଥିଲେ। ଆଜି ସକାଳୁ ପୁଣି ଖବର ପାଇ ପ୍ରଥମେ କାମବେଡା ରାଜସ୍ୱ ନିରୀକ୍ଷକ ବିଭୁଦତ୍ତ ଗୌଡ଼ ପହଞ୍ଚିଥିଲେ। ପରେ ଉକ୍ତ ଅଞ୍ଚଳ ବନ ବିଭାଗର ବନରକ୍ଷୀ ସୁବ୍ରତ ପରିଡା ମଧ ପହଞ୍ଚିଥିଲେ। ତେବେ ବନ ବିଭାଗର ଅନୁମତି ନ ନେଇ ସେହି ସ୍ଥାନରେ ଥିବା ବଡ଼ ବଡ଼ ବୃକ୍ଷ ଗୁଡିକୁ ମାଟିରେ ମିଶାଇ ଦେଇଥିବା ହେତୁ ସେ ମାଣିକଙ୍କ ପିତା ସତ୍ୟ ବିଶ୍ୱାସଙ୍କ ଉପରେ ବହୁତ ବିରକ୍ତି ପ୍ରକାଶ କରିଥିଲେ। ଘଟଣା ସ୍ଥଳରେ ସଙ୍ଗେ ସଙ୍ଗେ ଚିତ୍ରକୋଣ୍ଡା ତହସିଲଦାର ଟି ପଦ୍ମନାଭ ଦୋରା ଏବଂ ଓରକେଲ ଥାନାରୁ ପୋଲିସ ଦଳ ପହଞ୍ଚି ଆକ୍ୱନ ମୋଡ଼ରେ ଆସି ଜେସିବିକୁ ଜବତ କରାଇବା ସହ ମାଣିକ ବିଶ୍ୱାସ ନାମରେ ଏକ ଲକ୍ଷ ଟଙ୍କାର ଚ଼ାଲାଣ କାଟିଥିଲେ। ଓରକେଲ ଥାନାଧିକାରୀ ରଘୁନାଥ ମାଝୀ ଙ୍କ ନେତୃତ୍ୱରେ ଉକ୍ତ ଜେସିବି ମେସିନଟିକୁ ଜବତ କରି ଥାନାକୁ ନିଆଯାଇଥିଲା।

## ବର୍ଷାରେ ହାଲ ବେହାଲ, ଆମପଡ଼ାରେ ସହାୟତା ଯୋଗାଇଲା ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ

ବଲାଙ୍ଗିର, (ପି.ଏନ): ତାତି କମିଲା, ମୌସୁମୀ ଛୁଇଁଲା। ମୌସୁମୀ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଜାରି ରହିଥିବା ବେଳେ ବଲାଙ୍ଗିର ସହରରେ ମଧ ସ୍ୱାଭାବିକ ବର୍ଷା ହୋଇଛି। ଲଘୁଚାପ ଯୋଗୁଁ ବଲାଙ୍ଗିରକୁ ଅରେଞ୍ଜ ସତର୍କତା ଦିଆଯାଇଥିବା ବେଳେ ଗତ ସନ୍ଧ୍ୟାରୁ ରାତି ଯାଏଁ ବଲାଙ୍ଗିରରେ ବର୍ଷା ଲାଗି ରହିଥିଲା। ଭୀଷଣ ରୌଦ୍ରତାପ ପରେ ପରେ ଏହି ବର୍ଷା ହୋଇଥିବା ଯୋଗୁଁ ବହୁ ଲୋକ ଏହାର ମଜା ନେଉଥିବା ବେଳେ କିଛି ଅସହାୟ ପରିବାର ପାଇଁ ଏହା କାଳ ସାଜିଛି।ବଲାଙ୍ଗିର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ ୭, ଆମପଡା ନିବାସୀ ୪୬ ବର୍ଷୀୟା ଫୁଲ ବଗର୍ତି। ସେ ଜଣେ ବିଧବା ମହିଳା ହୋଇଥିବା ବେଳେ ସାଙ୍ଗରେ ୫ ଜଣ ଶିଶୁଙ୍କୁ ଧରି ଝାଟି ମାଟି ଘରେ ବସବାସ କରୁଛନ୍ତି। ବେଉସା କହିଲେ ଲୋକଙ୍କ ଘରେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଗତ ସନ୍ଧ୍ୟାରୁ ରାତିସାରା ବଲାଙ୍ଗିର ସହରରେ ଲାଗି ରହିଥିବା ବର୍ଷା ଯୋଗୁଁ ତାଙ୍କ ମାଟି ଘର କ୍ଷତିଗ୍ରସ୍ତ ହୋଇ ପଡିଥିଲା। ଫଳରେ ଏହି ପରିବାର ଭୟଭୀତ ହୋଇ ଅସହାୟ ଅବସ୍ଥାରେ ଘରେ ରହୁଥିଲେ। ଖବର ପାଇ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ସନ୍ତୋଷ ପଟ୍ଟନାୟକ ଆମପଡା ସ୍ଥିତ ସେହି ଘରେ ପହଂଚି ଥିଲେ। ସମସ୍ତ ବିଷୟ ଅବଗତ ହେବା ପରେ ପ୍ରାଥମିକ ଭାବରେ ଏକ ବଡ ଜରି ପାଲ ଘର ଢାଙ୍କିବା ପାଇଁ ପ୍ରଦାନ କରିବା ସହିତ ଜିଲ୍ଲା ପ୍ରଶାସନର ଉଚ୍ଚ ପଦାଧିକାରୀ ମାନଙ୍କୁ ଘଟଣା ବିଷୟରେ ତଥ୍ୟ ସହିତ ଅବଗତ କରାଇଥିଲେ। ବର୍ଷା ଋତୁରେ ଏହିଭଳି ଅସହାୟ ଅବସ୍ଥାରେ ବସବାସ କରୁଥିବା ପରିବାର ମାନଙ୍କ ପାଖରେ ପହଞ୍ଚି ଯଥାସମ୍ଭବ ସୁବିଧା ସହଯୋଗ ପ୍ରଦାନ କରିବା ପାଇଁ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଜିଲ୍ଲା ପ୍ରଶାସନ ନିକଟରେ ନିବେଦନ କରିଛି।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି। ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ଆନ୍ତର୍ଜାତିକ ନିଷେଧକ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଏହାର ଚୋରାଚାଲାଣ ବିରୁଦ୍ଧ ଦିବସ ପାଳିତ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାରେ ଆନ୍ତର୍ଜାତିକ ନିଷେଧକ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଏହାର ଚୋରାଚାଲାଣ ବିରୁଦ୍ଧ ଦିବସ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳନ କରାଯାଇଅଛି। ଏହି ଦିବସ ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଏବଂ ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସଦରମହକୁମା ଠାରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। ଏଥି ସହ ଦଣ୍ଡକାରଣ୍ୟ ଖେଳପଡ଼ିଆ ଠାରେ ଏକ ଶପଥ ଗ୍ରହଣ କାର୍ଯକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଯୋଗଦେଇ ଶପଥ ପାଠ କରାଇଥିଲେ । ଯୁବପିଢୀ, ରାଷ୍ଟ୍ରର ଶକ୍ତି ଏବଂ ସମାଜ ଓ ଦେଶର ବିକାଶରେ ଯୁବଶକ୍ତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ନିଶାମୁକ୍ତ ଭାରତ ଅଭିଯାନରେ ଅଧିକରୁ ଅଧିକ ଯୁବକଯୁବତୀ ସାମିଲ ହେବା ଅତ୍ୟନ୍ତ ଜରୁରୀ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ଏହି ଅବସରରେ କହିଥିଲେ ।ସୂଚନା ଥାଉ କି, ଆନ୍ତର୍ଜାତିକ ନିଷେଧକ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଏହାର ଚୋରାଚାଲାଣ ବିରୁଦ୍ଧ ଦିବସ ପ୍ରତିବର୍ଷ ୨୬ ଜୁନ୍ ରେ ନିଶା ମୁକ୍ତ ବିଶ୍ୱ ଗଠନ ନିମନ୍ତେ ପାଳନ କରାଯାଇଥାଏ। ଚଳିତ ବର୍ଷର ଅଭିଯାନର ଉଦ୍ଦେଶ୍ୟ ହେଉଛି ମାଦକ ଦ୍ରବ୍ୟ ବ୍ୟବହାର କରୁଥିବା ବ୍ୟକ୍ତି ପ୍ରତି ସମ୍ମାନ ଭାବ ଏବଂ ସହନଶୀଳ ମନୋଭାବ ରଖିବାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା, ସମସ୍ତଙ୍କ ପାଇଁ ପ୍ରମାଣ ଆଧାରିତ ସ୍ୱେଚ୍ଛାକୃତ ସେବା ଯୋଗାଇବା, ଦଣ୍ଡର ବିକଳ୍ପ ପ୍ରଦାନ, ନିଶା ନିବାରଣ ପ୍ରତିରୋଧକୁ ପ୍ରାଥମିକତା ଦେବା ଏବଂ ଦୟାଭାବ ସହ ଆଗେଇବା । ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶ୍ରୀମତୀ ସସ୍ମିତା ସ୍ୱାଇଁ, ସାମାଜିକ ସୁରକ୍ଷା ଅଧିକାରୀ ଓ ଶ୍ରୀ ବିମ୍ବଧର ପଣ୍ଡା, ଅବକାରୀ ଅଧିକାରୀ ପରିଚାଳିତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ରୁ ୫୦୦ ଜଣ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ, ପ୍ରଫୁଲ୍ଲ ଭୁଜବଳ, ପୌର ପରିଷଦ ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୁଜାରୀ ଏବଂ ଅଧ୍ୟାପକଡ଼ଃ ରଞ୍ଜନ କୁମାର ସ୍ୱାଇଁ ଏବଂ ଜିଲ୍ଲା ସଦରମହକୁମାର ସମସ୍ତ ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ, ବିଭିନ୍ନ ଏନ୍.ଜି.ଓ ର କର୍ମକର୍ତା, ଟ୍ରାନ୍ସଜେଣ୍ଡର, ସମର ଶିକ୍ଷାର୍ଥୀ ବାହିନୀ, ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, “ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।’’

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପଂଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ଋଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟଗ୍ଧ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ
ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କୁଣ୍ଡିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମ୍ପୋରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇନ୍ତରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।




# ପ୍ରଚାରରେ ସୀମିତ ବସ୍ତିର ବିକାଶ, ବାସ୍ତବ ଚିତ୍ର କିନ୍ତୁ ଭିନ୍ନ



ରାଉରକେଲା (ପିଏନ୍): ବସ୍ତିରେ ପାଇପ୍ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୀର୍ଘଦିନ ହେଲା ପାଇପ୍ ବିଛାଯାଇଛି । ମାତ୍ର କେଉଁଠି ପାଣି ଆସୁଛି ତ ଆଉ କେଉଁଠି ପାଣି ଆଦୌ ଆସୁନାହିଁ । ଯେଉଁଠାରେ ପାଣି ଆସୁଛି ସେଠାରେ କେବେ ୨୦/୨୫ ମିନିଟ୍ ପାଇଁ ଆସୁଛି ତ ଆଉ କେବେ ୫/୧୦ ମିନିଟ୍ ପାଇଁ ଆସୁଛି । ପାଇପ୍ ଜଳ ଯୋଗାଣରେ ଏଭଳି ଅବ୍ୟବସ୍ଥା ରାଉରକେଲା ମହାନଗର ନିଗମ ଅ'ର୍ଗତ ୧୧ ନମ୍ବର ୱାର୍ଡର ମଧୁସୂଦନପାଲ୍ଲୀ, ବିବେକାନନ୍ଦ ବସ୍ତି ଓ ଫିଲ୍ଟର ହାଉସ୍ ବସ୍ତିରେ ଲାଗି ରହିଛି ବୋଲି କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଅଭିଯୋଗ କରିଛନ୍ତି । ଶ୍ରୀ ସେନାପତି ଉକ୍ତ ଅଞ୍ଚଳ ପରିକ୍ରମା ସମୟରେ ବସ୍ତିବାସିନ୍ଦାମାନଙ୍କୁ ସାକ୍ଷାତ କରି ବସ୍ତିର ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ତେବେ ଜଳ ଯୋଗାଣରେ ଅବ୍ୟବସ୍ଥା ନେଇ ସମ୍ପୃକ୍ତ ବସ୍ତିର ବାସିନ୍ଦାମାନେ ତୀବ୍ର ଅସ'ୋଷ ପ୍ରକାଶ କରିଥିବା ବେଳେ ମହାନଗର ନିଗମ ତରଫରୁ ନାଳିଗୁଡିକ ନିୟମିତ ବ୍ୟବଧାନରେ ସଫା ହେଉନଥିବାରୁ ବସ୍ତିରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି ବୋଲି କହିଥିଲେ । ବିବେକାନନ୍ଦ ବସ୍ତିରେ ମହାନଗର ନିଗମ ତରଫରୁ କରାଯାଇଥିବା ଗୋଷ୍ଠୀ ଶୌଚାଳୟ ସଠିକ୍ ଭାବରେ ରକ୍ଷଣାବେକ୍ଷଣ ଓ ସଫେଇ ହେଉନଥିବାରୁ ଉକ୍ତ ଅଞ୍ଚଳରେ ପ୍ରବଳ ଦୁର୍ଗନ୍ଧ ସୃଷ୍ଟି ସହ ପରିବେଶକୁ ପ୍ରଦୂଷିତ କରୁଛି । ଏହି ଶୌଚାଳୟ ନିକଟରେ ଅବସ୍ଥିତ ଅଙ୍ଗନବାଡି କେନ୍ଦ୍ରର ଶିଶୁମାନେ ଏହି ଦୁର୍ଗନ୍ଧ ଦ୍ୱାରା ବିଶେଷ ପ୍ରଭାବିତ ହେଉଛ'ି । ଅଙ୍ଗନବାଡି କେନ୍ଦ୍ର ଗୃହର ମଧ ଆବଶ୍ୟକୀୟ ମରାମତି ହେଉନଥିବାରୁ ଏହାର ଚଟାଣ ସବୁ ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳୁଛି । ଶୌଚାଳୟ ନିକଟରେ ନିର୍ମିତ ସୁବିଧା କେନ୍ଦ୍ର ଏହି ଦୁର୍ଗନ୍ଧ ଯୋଗୁ ବ୍ୟବହାର ହୋଇପାରୁ ନାହିଁ । ବିବେକାନନ୍ଦ ବସ୍ତିରେ ନିର୍ମିତ ନାଳି ମଧ ଠିକ୍ ଭାବେ ସଫା କରାଯାଉନଥିବା ବେଳେ ନାଳି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ । ସେହିପରି ଫିଲ୍ଟର ହାଉସ୍ ବସ୍ତିରେ ମଧ କଂକ୍ରିଟ୍ ନାଳି ନିର୍ମାଣର ଆବଶ୍ୟକତା ଥିବାବେଳେ ମଧୁସୂଦନପାଲ୍ଲୀର ମୁଖ୍ୟରାସ୍ତାର ଗୋଟିଏ ପାର୍ଶ୍ୱରେ କଂକ୍ରିଟ୍ ନାଳି ନିର୍ମାଣ କରାଯାଇ ଅପରପାର୍ଶ୍ୱରେ ନାଳି ନିର୍ମାଣ ନ କରି ଛାଡି ଦିଆଯାଇଛି । ମଧୁସୂଦନପାଲ୍ଲୀର ଗଙ୍ଗାରାମ ବସ୍ତିରେ ଏକ ଗୋଷ୍ଠୀ ଶୌଚାଳୟ ନଥିବା ଏବଂ ବସ୍ତିର ଗରିବ ଶ୍ରେଣୀର ବାସିନ୍ଦାମାନେ ସ୍ୱଚ୍ଛ ଭାରତ ଅଭିଯାନ ଅ'ର୍ଗତ କାର୍ଯ୍ୟକ୍ରମରେ ବ୍ୟକ୍ତି ପାଇଖାନା ପାଇବାକୁ ସମର୍ଥ ହୋଇନଥିବାରୁ ଖୋଲା ପଡିଆରେ ଶୌଚ କରିବାକୁ ବାଧ ହେଉଛ'ି । ଅନୁରୂପ ଭାବେ ଉପରୋକ୍ତ ବସ୍ତି ଅଞ୍ଚଳରେ ଅନେକ ବୃଦ୍ଧବୃଦ୍ଧା ଏ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇନଥିବା ବେଳେ ଯେଉଁମାନେ ଭତ୍ତା ପାଉଥିଲେ ସେମାନଙ୍କ ମଧରୁ କେତେକଙ୍କର ଭତ୍ତା ବନ୍ଦ ହୋଇଯାଇଥିବା ପ୍ରକାଶ କରିଥିଲେ । ଅନୁରୂପ ଭାବେ ରାସନ କାର୍ଡ ମଧ ଅନେକ ଯୋଗ୍ୟ ବିବେଚିତ ଗରିବ ଲୋକ ପାଇନଥିବା ବେଳେ ଯେଉଁମାନେ ରାସନ କାର୍ଡ ପାଇଛନ୍ତି ସେମାନଙ୍କର କାର୍ଡ ମଧ ବିଭିନ୍ନ ସମୟରେ ଅଚଳ ହେବା ସହିତ କାର୍ଡରୁ ସଦସ୍ୟଙ୍କ ସଂଖ୍ୟା କଟି ଯାଇଥିବା ଅଭିଯୋଗ କରିଥିଲେ । ତେବେ ଉପରୋକ୍ତ ସମସ୍ୟାଗୁଡିକ ସମ୍ପର୍କରେ ଶ୍ରୀ ସେନାପତି ବସ୍ତିବାସୀଙ୍କ ଠାରୁ ଅବଗତ ହୋଇ ଏସବୁକୁ ବିଭାଗୀୟ ଅଧିକାରୀ ନିକଟରେ ଉପସ୍ଥାପନ କରିବେ ବୋଲି କହିଥିଲେ । ମହାନଗର ନିଗମ କର୍ତ୍ତୃପକ୍ଷ, ରାଜ୍ୟ ସରକାର ତଥା ସ୍ଥାନୀୟ ଶାସକ ଦଳର ନିର୍ବାଚିତ ଜନପ୍ରତିନିଧି ବସ୍ତି ବିକାଶକୁ ନେଇ ବଡ ବଡ ପ୍ରଚାର କରୁଥିଲେ ହେଁ ବାସ୍ତବ ଚିତ୍ର ଉପରୋକ୍ତ ବସ୍ତିଗୁଡିକୁ ଦେଖିଲେ ସ୍ପଷ୍ଟ ବୁଝାପଡୁଛି ବୋଲି ଶ୍ରୀ ସେନାପତି କହିଛ'ି । ଏହି ପରିକ୍ରମା କାର୍ଯ୍ୟକ୍ରମରେ ପିସିସି ସଭ୍ୟ ସବୀର ହୁସେନ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ସମ୍ପୃକ୍ତ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ମୋତିଲାଲ ସାହୁ, ଏସ୍.ଏନ୍. କ୍ରିଷ୍ଣା, ଯୁବନେତା ଅନୀଲ ଦାସ, ସେକ୍ ସମିର, ଋଷି ସାହୁ ପ୍ରମୁଖ ସାମିଲ୍ ହୋଇ ସମସ୍ତ ବସ୍ତି ଅଞ୍ଚଳ ବୁଲି ଦେଖିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ତରିଆ ପୋଖରୀ ପୁନରୁଦ୍ଧାର ଦୁର୍ନୀତିର ତଦନ୍ତ କରିବ ଭିଜିଲାନ୍ସ !

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ତରିଆ ଗାଁ ନିକଟରେ ଥିବା ଏକ ପୁରୁଣା ପୋଖରୀର ପୁନରୁଦ୍ଧାର କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବ ଭିଜିଲାନ୍ସ । ଏହି ଚର୍ଚ୍ଚିତ ଘୋଟାଲାର ଖୋଳତାଡ଼ କରୁଥିବା ଲୋକାୟୁକ୍ତଙ୍କ ନିଜସ୍ୱ ତଦନ୍ତକାରୀ ସଂସ୍ଥା ଏଠାରେ ଦୁର୍ନୀତିର ଗନ୍ଧ ବାରିବା ପରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗକୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଏକ ଅପରାଧିକ ମାମଲା ରୁଜୁ କରି ୨୦୨୩ ଫେବ୍ରୁଆରୀ ୧୦ତାରିଖ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାପାଇଁ ଭିଜିଲାନ୍ସ ବିଭାଗକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଉଲ୍ଲେଖ ଯୋଗ୍ୟ, ୨୦୧୯/୨୦ ଆର୍ଥିକ ବର୍ଷରେ ଯାଜପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ତରିଆ ପଞ୍ଚାୟତ ନୂଆ ପୋଖରୀର ପୁନରୁଦ୍ଧାର ପାଇଁ ୨୪ ଲକ୍ଷ ୯୯ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା । ସେହିପରି ଏହି ସମୟରେ ଧର୍ମଶାଳା ପଞ୍ଚାୟତ ସମିତି ପକ୍ଷରୁ ମଧ୍ୟ ତରିଆ ପଞ୍ଚାୟତ ନୂଆ ପୋଖରୀ ନାଁରେ ୩ ଲକ୍ଷ ୫୦ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଥିଲା । ସମାନ ଆର୍ଥିକ ବର୍ଷରେ କ୍ଷୁଦ୍ର ଜଳସେଚନ ବିଭାଗ ଏହି କାମ ପାଇଁ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ୧୭ ଲକ୍ଷ ୬୫ ହଜାର ୪୪୨ ଟଙ୍କା ପୈଠ କରିଥିବା ବେଳେ ପଞ୍ଚାୟତ ସମିତି ପକ୍ଷରୁ ମଧ୍ୟ ୩ ଲକ୍ଷ ୪୬ ହଜାର ୫ଶହ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡ଼ିଥିଲା । ଏଠାରେ ଏକ ବଡ଼ଧରଣର ଦୁର୍ନୀତି ହୋଇଥିବା ସନ୍ଦେହ କରି ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଲ୍‌ୱାଇ-୭୧୯/୨୦୨୧ରେ ଏକ ମାମଲା ରୁଜୁ ହୋଇ ଅଭିଯୋଗର ତଦ' ଆରମ୍ଭ ହୋଇଥିଲା । ଲୋକାୟୁକ୍ତଙ୍କ ନିଜସ୍ୱ ତଦନ୍ତକାରୀ ଦଳ ଧର୍ମଶାଳା ବ୍ଲକ, ଯାଜପୁର କ୍ଷୁଦ୍ର ଜଳସେଚନ ଡିଭିଜନ କାର୍ଯ୍ୟାଳୟ ଓ ତରିଆ ନୂଆପୋଖରୀ ନିକଟକୁ ଯାଇ ତଦନ୍ତ କରିଥିଲା । ତଦନ୍ତରେ ଖାତା ନଂ-୨୨୫ ଓ ପ୍ଲଟ୍ ନଂ-୧୫୧୮ରେ ଥିବା ତରିଆ ପଞ୍ଚାୟତ ନୂଆ ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ଗୋଟିଏ ସମୟରେ ଦୁଇଟି ବିଭାଗ ପକ୍ଷରୁ ମୋଟ ୨୧ ଲକ୍ଷ ୧୧ହଜାର ୯୪୨ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଥିଲା । ଅନ୍ୟପକ୍ଷରେ ଏଠାରେ ପଂଚାୟତ ତରଫରୁ କିଛି କାମ ନହୋଇ ଟଙ୍କା ଉଠାଇ ନିଆଯାଇଥିବା ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି । କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଥିବା ଏହି ପୋଖରୀକୁ କେଉଁ ଉଦ୍ଦେଶ୍ୟରେ ପଂଚାୟତ ପକ୍ଷରୁ କାମ କରାଯାଇ ଟଙ୍କା ଉଠାଗଲା ଏହାକୁ ନେଇ ଅଭିଯୋଗକାରୀ ଶ୍ରୀ ବେହୁରା ପ୍ରଶ୍ନ ଉଠାଇଥିଲେ । ଏହି ଘୋଟାଲାରେ ଲୋକାୟୁକ୍ତ ତତ୍‌କାଳୀନ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ମହାନ୍ତି, କନିଷ୍ଠ ଯନ୍ତ୍ରୀ ବ୍ରହ୍ମାନନ୍ଦ ପଣ୍ଡା, ପିଇଓ ମହେଶ୍ୱର ମହାନ୍ତି ଓ ପୂର୍ବତନ ସରପଂଚ ସୁଶାନ୍ତ ସେଠୀଙ୍କୁ ଏହାର ଉତର ରଖିବାକୁ ନୋଟିସ୍ ଜାରି କରିଥିଲେ । ତେବେ ଏମାନେ ଦେଇଥିବା ସ୍ପଷ୍ଟୀକରଣ ସନ୍ତୋଷଜନକ ହୋଇନଥିଲା । ଏଠାରେ ଏକ ବଡ଼ଧରଣର ଘୋଟାଲା ହୋଇଥିବା ସ୍ପଷ୍ଟ ହେବାପରେ ଲୋକାୟୁକ୍ତ ଏହାର ତଦନ୍ତ ପାଇଁ ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଶ୍ରୀ ବେହୁରା ସୂଚନା ଦେଇଛନ୍ତି । ଭିଜିଲାନ୍ସ ତଦନ୍ତ ପରେ ଏହି ଘୋଟାଲାରେ ସଂପୃକ୍ତ ଅଧିକାରୀ ଓ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ଚର୍ଚ୍ଚା ଜୋର ଧରିଛି ।

# ସାନଖେମୁଣ୍ଡିରେ ଜାତୀୟ ପ୍ରେସ ଦିବସ ଧୁମଧାମରେ ପାଳିତ

ସାନଖେମୁଣ୍ଡି (ପିଏନ୍)-ନଭେମ୍ବର ୧୬ ଜାତୀୟ ଗଣମାଧ୍ୟମ ଦିବସ ପାଳନ ଅବସରରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ଠାରେ ପ୍ରେସ କ୍ଲବ୍ ପକ୍ଷରୁ ଏକ ଆଲୋଚନା ଚକ୍ରର ଆୟୋଜନ ସହ ଆମନ୍ତ୍ରିତ ଅଞ୍ଚଳ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ ବରିଷ୍ଠ ବୁଦ୍ଧିଜୀବୀଙ୍କ ମିଳିତ ସମାବେଶର ଆୟୋଜନ ହୋଇଥିଲା। ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାଶଙ୍କ ଆବାହକତ୍ୱରେ ଆୟୋଜିତ ଆଜିର ପ୍ରେସ ଦିବସର ଅନୁଚିନ୍ତା ଏବଂ ସାମ୍ବାଦିକଙ୍କ ସମସ୍ୟା ଓ ସାମାଜିକ ସୁରକ୍ଷାକୁ ନେଇ କରାଯାଇଥିବା ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ବର୍ଷୀୟାନ ସାମ୍ବାଦିକ, କ୍ଷୁଦ୍ର ଓ ମଧ୍ୟମ ବର୍ଗ ସମ୍ବାଦପତ୍ର ସଂଘ ସଭାପତି ତଥା ସାପ୍ତାହିକ ଓଡ଼ିଆ ସମ୍ବାଦପତ୍ର 'ନବୀନ' ର ସମ୍ପାଦକ ରବି ରଥ ପ୍ରଦୀପ ପ୍ରଜ୍ୱଳନ ଏବଂ ପୁଷ୍ପମାଲ୍ୟ ଅର୍ପଣ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ 'ପରିବର୍ତ୍ତନ' ଖବର କାଗଜ ସମ୍ପାଦକ ରମାକାନ୍ତ ପରିଜା ଏବଂ ଜଗତସିଂହପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଅଜୟ କୁମାର ଦାସ ଯୋଗଦେଇ ସାଂପ୍ରତିକ ସମୟର ଗଣତାନ୍ତ୍ରିକ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ବିକଳ ଚିତ୍ରରେ ପ୍ରତିନିଧିଙ୍କ ଭୂମିକାକୁ ନେଇ ନିଜ ନିଜ ଓଜସ୍ୱିନୀ ଅଭିବ୍ୟକ୍ତି ରଖିଥିଲେ। ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ଲାଘବ କରିବାକୁ ଥିବା ଗଣମାଧ୍ୟମଗୁଡ଼ିକ ସମ୍ପ୍ରତି ସରକାରୀ ଭାଟ ସାଜୁଥିବା କାରଣରୁ ସମ୍ବାଦପତ୍ର କ୍ଷେତ୍ରକୁ ଶିଳ୍ପରେ ପରିଣତ କରି କର୍ପୋରେଟଙ୍କୁ ସ୍ୱାଗତ କରିବା ଆଗାମୀ ଦିନର ଗଣତାନ୍ତ୍ରିକ ସାମାଜିକ ବ୍ୟବସ୍ଥାରେ ବିକଟ ଚିତ୍ର ପ୍ରଦାନ କରିବା ନେଇ ନିଜ ନିଜର ମତବ୍ୟକ୍ତ କରିଥିଲେ। ପ୍ରଶାସନିକ ଓ ରାଜନୈତିକ ଦଳର ବ୍ୟକ୍ତିବିଶେଷଙ୍କ ମାଲିକାନାରେ ଥିବା ପ୍ରମୁଖ ସମ୍ବାଦପତ୍ର ନିଜର ସ୍ୱାର୍ଥ ହାସଲ ପାଇଁ ଗଣମାଧ୍ୟମକୁ ଉପଯୋଗ କରୁଥିବାରୁ ଚତୁର୍ଥ ସ୍ତମ୍ଭ କଳୁଷିତ ହେବା ସହ ସାମ୍ବାଦିକଙ୍କ ସମସ୍ୟା ଓ ସାମାଜିକ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅତଏବ ଏହି ସମସ୍ୟାର ସମାଧାନ ନେଇ ସଂଘୀୟ ବ୍ୟବସ୍ଥାର ବିକଳ୍ପ ରାସ୍ତା ଆପଣାଇବାକୁ ବର୍ଷୀୟାନ ସାମ୍ବାଦିକ ରବି ରଥ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆହ୍ୱାନ ଦେଇଥିଲେ। ସମାଜର ସର୍ବନିମ୍ନ ବର୍ଗଙ୍କଠାରେ ଥିବା ସମସ୍ୟାର ସମାଧାନ ଦିଗରେ ସାମ୍ବାଦିକଙ୍କ ଭୂମିକା ରହୁଥିବାରୁ କର୍ମଜୀବୀ ସାମ୍ବାଦିକ ହିସାବରେ ଏହି ବର୍ଗଙ୍କ ହିତରେ ସର୍ବଦା କାମ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟ କ୍ରମରେ ପ୍ରେସ କ୍ଲବ ଦ୍ୱାରା ଆହୂତ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ତଥା ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଅଞ୍ଚଳ ବୁଦ୍ଧିଜୀବୀ ଜନପ୍ରତିନିଧିଙ୍କ ମିଳିତ ସମାବେଶରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ସିମାଞ୍ଚଳ ପାତ୍ର ପୌରୋହିତ୍ୟ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗାୟତ୍ରୀ ଦତ୍ତ ନାୟକ, ତହସିଲଦାର ଡଃ ଶ୍ରୀନିବାସ ବେହେରା, ମୁଖ୍ୟ ବକ୍ତା ଭାବେ ପାଟପୁର ଥାନା ଭରପ୍ରାପ୍ତ ଅଧିକାରୀ ସବ୍ୟସାଚୀ ମଲ୍ଲ ମଞ୍ଚାସୀନ ରହି ଉପସ୍ଥିତ ବୁଦ୍ଧିଜୀବୀ ଜନ ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସମନ୍ୱୟକୁ ଗୁରୁତ୍ୱାରୋପ କରିଥିଲେ। ପ୍ରଶାସନ ସହ ଜନପ୍ରତିନିଧିଙ୍କ ମୌଳିକ ସମସ୍ୟାର ସମାଧାନ କ୍ଷେତ୍ରରେ ଗଣମାଧ୍ୟମର ସମୟ ଉପଯୋଗୀ ଖବର ପ୍ରସାରଣ ଗୁରୁତ୍ୱ ରଖିଥିବାରୁ ପ୍ରକୃଷ୍ଟ ତଥ୍ୟ ଭିତ୍ତିକ ଖବର ପ୍ରସାରଣର ମହତ୍ତ୍ୱକୁ ଅବତାରଣା କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ଲୋକକଳା କଳାକାର ସଂଘ ସଭାପତି ତଥା ବରିଷ୍ଠ ଲୋକକଳା କଳାକାର ସନ୍ତୋଷ କୁମାର ପାଢ଼ୀ ନିଜ ବକ୍ତବ୍ୟରେ ପ୍ରେସ କ୍ଲବ ସଦସ୍ୟଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟକୁ ନେଇ ସାଧୁବାଦ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ପ୍ରତିନିଧି ସଞ୍ଜୟ କୁମାର ନାହାକ, ଜିଲ୍ଲା ପରିଷଦ ସଭ୍ୟ ବିଜୟ ପ୍ରଧାନ, ଅମିନ ପ୍ରଧାନ, ଶଙ୍କର୍ଷଣ ସ୍ୱାଇଁ, ରାଜୀବ ପାତ୍ର ପ୍ରମୁଖଙ୍କ ସହ ବହୁ ସରପଞ୍ଚ , ସମିତି ସଭ୍ୟଙ୍କ ସହ ଶତାଧିକ ଅଞ୍ଚଳ ବୁଦ୍ଧିଜୀବୀ ଉପସ୍ଥିତ ରହି ଆୟୋଜିତ ଆଜିର କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ପ୍ରେସ କ୍ଲବ ସାନଖେମୁଣ୍ଡି ପକ୍ଷରୁ ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ପଦ୍ମଲୋଚନ ପାଣିଗ୍ରାହୀ, ବିଜୟ କୁମାର ପ୍ରଧାନ, ପ୍ରଫୁଲ୍ଲ ସାବତ, ଅଶୋକ କୁମାର ସାହୁ, ଆରତ କୁମାର ହୋତା, ଶିବ ଶଙ୍କର ସ୍ୱାଇଁ, ରଘୁନାଥ ନାୟକ ପ୍ରମୁଖ ଅଂଶଗ୍ରହଣ ସହ ପରିଚାଳନା କରିଥିଲେ।

# ନୌବାଣିଜ୍ୟର ସ୍ୱତନ୍ତ୍ର ସ୍ୱାକ୍ଷର ବହନ କରେ କେନ୍ଦ୍ରାପଡା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବର ଚତୁର୍ଥ ସାଂସ୍କୃତିକ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଉପଜିଲ୍ଲାପାଳ ନିରଞ୍ଜନ ବେହେରା ଯୋଗଦେଇ କହିଥିଲେ ଯେ ନୌବାଣିଜ୍ୟର ସ୍ୱତନ୍ତ୍ର ସ୍ୱାକ୍ଷର ବହନ କରେ କେନ୍ଦ୍ରାପଡା। ନୌବାଣିଜ୍ୟର ପରମ୍ପରା ହୁକିଟୋଲା ଲାଇଟ ହାଉସ ଜାଗ୍ରତ ସ୍ୱାକ୍ଷର ଭାବରେ ବର୍ଷ ବର୍ଷ ଧରି ରହିଆସିଛି। କେନ୍ଦ୍ରାପଡା ବାଲିଯାତ୍ରା ଭବିଷ୍ୟତର ପ୍ରତିଭାଧରମାନଙ୍କୁ ଉନ୍ମୋଚନ କରିବାରେ ସହାୟକ ହେବ। କମିଟି ସଂପାଦକ ତଥା ସରକାରୀ ଓକିଲ ସଂଜୟ କୁମାର ଜେନା ଜିଲ୍ଲା ପ୍ରଶାସନର ଅକୁଣ୍ଠିତ ସାହାଯ୍ୟ ଓ ସହଯୋଗ ପାଇଁ କୃତଜ୍ଞତା ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡା ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଯୋଗଦେଇ ବାଲିଯାତ୍ରାର ସଫଳତା କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପତ୍ରିକା ସଂପାଦକ ଶୁଭ୍ରାଂଶୁ କୁମାର ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ଉପସଭାପତି ଧିରେନ୍ଦ୍ର କୁମାର ଦାସ, ସହ ସଂପାଦକ କିଶୋର ଚନ୍ଦ୍ର ପ୍ରଧାନ, ଶ୍ରୀଧର ମହାନ୍ତି, ସତ୍ୟବ୍ରତ ସିଂ, କବି କରୁଣାକର ଦାସ, ଅକ୍ଷୟପ୍ରିୟ ଦାସ, ଗଗନ ବିହାରୀ ଜେନା, ଟୁଟୁ ଗେରୁ, ଗବେଷକ ନିରଞ୍ଜନ ମେକାପ, ରମଣୀରଞ୍ଜନ ରାଉତରୟ, ବିକ୍ରମ କେଶରୀ ରାଉତରାୟ, ରାଜୁ କୁବେର, ଶ୍ରୀଧର ଭୋଳ, ପ୍ରଦୀପ ବିହାରୀ, ସେକ ମତୁ, ସେକ ଅଜିମୁଦ୍ଦିନ, ପଂଚାନନ ଦାସ, ମହେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ। ଗୋକୁଳଚନ୍ଦ୍ର ସଙ୍ଗୀତ ସଦନ ପକ୍ଷରୁ ନୃତ୍ୟ, ମା ଚିଲିକାରାଣୀ ପାଇକ ଆଖଡା, ଖୋର୍ଦ୍ଧା ସମେତ ମେଲୋଡି ପ୍ରଭୃତି କାର୍ଯ୍ୟକ୍ରମରେ ପ୍ରକମ୍ପିତ୍ ହୋଇ ଉଠିଥିଲା ବାଲିଯାତ୍ରା ପଡିଆ। ମହୋତ୍ସବରେ ଜନସାମଗମକୁ ଲକ୍ଷ୍ୟ ରଖି ଶାନ୍ତି, ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ଧର୍ମଶାଳା ପୁସ୍ତକ ମେଳା ଉଦ୍‌ଯାପିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ସାଧାରଣତନ୍ତ୍ର ପାଳନ କମିଟି ପକ୍ଷରୁ ଧର୍ମଶାଳା ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ପଂଚମ ଧର୍ମଶାଳା ପୁସ୍ତକ ମେଳା ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯାଜପୁର ରୋଡ୍ ଏସ୍‌ଡ଼ିପିଓ ସଂଜୟ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଅକ୍ଷୟ କୁମାର ମହାନ୍ତି ମୁଖ୍ୟବକ୍ତା, କଟକର ସହକାରୀ ଆରକ୍ଷୀ କମିଶନର ଅମିତାଭ ମହାପାତ୍ର ଓ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷିତ ଯୁବକମାନେ ପୁସ୍ତକ ପଠନ ଓ ସାହିତ୍ୟ ପାଖରୁ ଦୂରେଇ ଯାଉଛନ୍ତି । ଯାହା ସମାଜ ପାଇଁ କ୍ଷତିକାରକ । ପାଠ୍ୟପୁସ୍ତକ ସହିତ ମନଛୁଆଁ ପୁସ୍ତକ ଦିଆଗଲେ ପିଲାମାନଙ୍କ ପଠନ ଅଭ୍ୟାସ ବୃଦ୍ଧିହେବ ବୋଲି ଅତିଥିମାନେ କହିଥିଲେ । ଗାଳ୍ପିକ ଅର୍ଜୁନ ପୃଷ୍ଟି ଅତିଥି ପରିଚୟ, ସମ୍ପାଦକ ରାକେଶ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ, ଅଧ୍ୟାପକ ନିଗମାନନ୍ଦ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ ଓ ଶିକ୍ଷକ ମନୋଜ କୁମାର ରଣା ପ୍ରାରମ୍ଭିକ ସୂଚନା ଦେଇଥିଲେ । ପଣ୍ଡିତ ବ୍ରଜକିଶୋର ଦାଶ, ବିବେକାନନ୍ଦ ନାୟକ, କସ୍ତୁରୀ ଚରଣ ଜେନା, ସବ୍ୟସାଚୀ ବେହେରା, ଇନ୍ଦ୍ରମଣି ମହାନ୍ତି, ପ୍ରମୋଦ ସାମଲ, କୈଳାସ ମଲିକ, ମୁନା ଖାଁ ଓ ମଦନ ମୋହନ ନାୟକ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲା କଂଗ୍ରେସ ତରଫରୁ ମୌଲାନା ଆଜାଦଙ୍କ ଜୟନ୍ତୀ ପାଳିତ



ରାଉରକେଲା (ପିଏନ୍): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କଂଗ୍ରେସର ପୂର୍ବତନ ସଭାପତି ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ଭାରତରତ୍ ମୌଲାନା ଆବୁଲ କାଲାମ ଆଜାଦଙ୍କ ଜନ୍ମ ଜୟନ୍ତୀ ଗତ ୧୧ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ମୌଲାନାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପିସିସି ସଭ୍ୟ ବିରେନ ସେନାପତି ବକ୍ତବ୍ୟ ରଖି ମୌଲାନା ଆଜାଦଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମୌଲାନା ଆଜାଦ ସ୍ୱାଧୀନ ଭାରତର ନାଗରିକମାନେ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ସେମାନଙ୍କ ମୌଳିକ ଶିକ୍ଷାର ଜରୁରୀ ଆବଶ୍ୟକତାକୁ ଉପଲବ୍ଧି କରିଥିଲେ । ତେଣୁ ସେଥିପାଇଁ ମୌଳିକ ପ୍ରାଥମିକ ଶିକ୍ଷାକୁ ଦେଶବାସୀଙ୍କୁ ନିଶୁଳ୍କରେ ଯୋଗାଇ ଦେବା ପାଇଁ ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ଭାବେ ମୌଲାନା ଆଜାଦ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ ବୋଲି ଶ୍ରୀ ସେନାପତି ପ୍ରକାଶ କରି ଶିକ୍ଷାରୁ ବଞ୍ଚିତ ଥିବା ଦେଶର ନାଗରିକଙ୍କୁ ଶିକ୍ଷିତ କରାଇବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଗଲେ ତାହା ମୌଲାନାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟ ସବୀର ହୁସେନ ଓ ପ୍ରଭାତୀ ମିଶ୍ର, ତୁଳସୀ ନାଗ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଓବିସି ରାଷ୍ଟ୍ରୀୟ ସଂଯୋଜକ କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଜିଲ୍ଲା କଂଗ୍ରେସର ଭାସ୍କର ଖିଲ୍ଲାର, ବନମାଳୀ ବିଶୋୟୀ, ଦିଲ୍ଲୀପ ଜେନା, ରୁକସାନା ବେଗମ, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ବସ' ମହାଲିକ, ଶିବ ଚରଣ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ରେହେମାନ ଖାନ, ସଂଖ୍ୟାଲଘୁ ଅଧ୍ୟକ୍ଷ ଇଜାଜ ଅଖତର ପ୍ରମୁଖ ଏହି ଅବସରରେ ମୌଲାନାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ତର୍ଜାତୀୟ ନିଶା ଦ୍ରବ୍ୟର ବ୍ୟବହାର ଓ ବେଆଇନ ଚୋରା କାରବାର ନିଷିଦ୍ଧ ଦିବସ ପାଳନ

ସୁବର୍ଣ୍ଣପୁର, (ପି.ଏନ): ଜିଲ୍ଲା ପ୍ରଶାସନ(ସାମାଜିକ ସୁରକ୍ଷ୍ୟା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଅବକାରୀ ବିଭାଗ) ସୁବର୍ଣ୍ଣପୁର ତରଫରୁ ଆନ୍ତର୍ଜାତିକ ନିଶା ଦ୍ରବ୍ୟର ବ୍ୟବହାର ଓ ବେଆଇନ ଚୋରା କାରବାର ନିଷିଦ୍ଧ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ସକାଳେ ଏନ.ସି.ସି. କେଡ଼େଟ ଓ ବିଭିନ୍ନ ସ୍ୱେଚ୍ଛାସ୍ୱେବୀ ସଂଗଠନ ଦ୍ୱାରା ପୁରୁଣା ଟାଉନ ହଲ ଠାରୁ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀଯୁକ୍ତ ବିମଳେନ୍ଦୁ ରାୟ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟନାରାୟଣ ଦାଶ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ପ୍ରସ୍ତୁତ ସଚେତନତା ରଥ ଓ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରା ପରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସଭାଗୃହ ରେ ଦିବସ ଉପଲକ୍ଷେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ନିଶା ଦ୍ରବ୍ୟ ର ଅପବ୍ୟବହାର ଓ ଅନୈତିକ ଚାଲାଣ ବ୍ୟକ୍ତି ତଥା ସମାଜରେ ଏହାର କୁପ୍ରଭାବ ଉପରେ ବକ୍ତବ୍ୟ ପ୍ରଦାନ କରି ନିଶା ଏକ ସାମାଜିକ ବ୍ୟାଧି ବୋଲି କହିଥିଲେ କ୍ଷ ଏହାକୁ ସମାଜ ର ପ୍ରତ୍ୟକ ସ୍ତରରେ ପ୍ରତିରୋଧ କରିବାକୁ ପ୍ରଯତ୍ନ ହେବା ସହ ବିଶେଷ ଭାବେ ଯୁବ ଗୋଷ୍ଠୀ ଆଗେଇ ଆସିବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ସ୍ୱାଗତ ଅଭିଭାଷଣ ସହ ଦିବସ ପାଳନର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ । ସଭା ରେ ସମ୍ମାନିତ ଅତିଥିଭାବେ ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀମତୀ ସୁମତି ତ୍ରିପାଠୀ, ଏସଡିପିଓ ସୋନପୁର ଶ୍ରୀମତୀ ପୁଷ୍ପାଞ୍ଜଳି ନିଙ୍ଗୀ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ସନତ କୁମାର ନାୟକ, ପ୍ରମୁଖ ଯୋଗଦାନ କରି ନିଶା ଦ୍ରବ୍ୟ ଅପବ୍ୟବହାର ଓ ବେଆଇନ ଚାଲାଣ ର କାରଣ, ନିରାକରଣ ତଥା ସମଗ୍ର ଜନ ଜୀବନରେ ଏହାର କୁ ପ୍ରଭାବ ଉପରେ ନିଜ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ । ସଭାରେ ସାଧନ କର୍ମୀ ଭାବେ ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସୋନପୁର ର ଭାଇ ମନୋଜ ଦାଶ,ଏବଂ ସାମାଜିକ କର୍ମୀ ରାଜୀବ ଲୋଚନ ନାୟକ ନିଶା ନିବାରଣ ଉପରେ ସଚେତନତା ବକ୍ତବ୍ୟ ପ୍ରଦାନ କରି ନିଶା ଅପବ୍ୟବହାର ଓ ଅନୈତିକ ଚାଲାଣର ଭୟାବହତା ପରିଣାମ ଉପରେ ସୂଚୀତ କରିଥିଲେ । ନିଶାର ଅପବ୍ୟବହାର ପରୋକ୍ଷ ହେଉ ଅବା ପ୍ରତ୍ୟକ୍ଷ ଭାବେ ହେଉ ସମାଜରେ ଅନୈତିକ କାର୍ଯ୍ୟ କଳାପକୁ ଉତ୍ସାହିତ କରୁଥିବା କହିବା ସହ ଆମର ଦୃଢ଼ ମାନସିକତା ନିଶା ରୂପକ ରାକ୍ଷସକୁ ପ୍ରତିହତ କରିପାରିବ ବୋଲି ଦୃଢ଼ୋକ୍ତି କରିଛନ୍ତି କ୍ଷ ନିଶା ସେବନ ଓ ଅପବ୍ୟବହାର ମଣିଷ କୁ କିପରି ସହଜରେ ଅମଣିଷ କରି ଦେଉଛି ତାର ସଦ୍ୟତମ ଉଦାହରଣ ଭାବେ ନିଶା ନିବାରଣ କେନ୍ଦ୍ର, ମାଟୁପାଲି, ଓ ତରଭାର ୪ ଜଣ ଲାଭାର୍ଥୀ, ଯେଉଁମାନେ କି ନିଶା ଛାଡି ସମାଜ ର ମୁଖ୍ୟ ସ୍ରୋତ ରେ ସାମିଲ ହୋଇଛନ୍ତି ସେମାନେ ସେମାନଙ୍କ ଜୀବନର ଅଭିଜ୍ଞତାକୁ ସଭାରେ କହିଥିଲେ । ନିଶା ସେବନଠୁ ଦୁରେଇ ଗଲାପରେ ସେମାନେ କିପରି ଏକ ଅମଣିଷରୁ ମଣିଷ ହୋଇପାରିଛନ୍ତି ତାହା ବର୍ଣ୍ଣନା କରିଛନ୍ତି । ଏହି ଅବସରରେ ସେମାନଙ୍କୁ ପ୍ରଶାସନ ତରଫରୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ମାନିତ କରାଯାଇଥିଲା । ଅନୁଷ୍ଠିତ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ, ରେଆର, ଭିନ୍ନକ୍ଷମ, ଅଭିଭାବକ ସଂଘ ଏବଂ ବିଭିନ୍ନ ସଂଗଠନ ର କର୍ମକର୍ତା ଏବଂ ସମସ୍ତ ବ୍ଲକ ର ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଯୋଗଦାନ କରି ନିଶା ନିବାରଣ ତଥା ନିଶା କାରବାର ନିଷିଦ୍ଧ ଉପରେ ମନ୍ତବ୍ୟ ରଖିଥିଲେ । ସଭା ଶେଷରେ ସମସ୍ତେ ଏକଜୁଟ ହୋଇ ନିଶା ମୁକ୍ତ ସମାଜ ଗଠନ ପାଇଁ ଶପଥ ପାଠ କରିଥିଲେ । ପରିଶେଷ ରେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପ୍ରଭାସ କୁମାର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଜିଲ୍ଲା ସାମାଜିକ ସୁରକ୍ଷ୍ୟା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ସୁବର୍ଣ୍ଣପୁର ର କାର୍ଯ୍ୟକର୍ତା ତଥା ରାକେଶ କୁମାର ମିଶ୍ର, ଜନ୍ମେଜୟ ମହାକୁର, ଉମାକାନ୍ତ ହୋତା, ସମୀକ୍ଷା ପୁରୋହିତ, ସୋନିଆ ବରିହା , ଗୁପ୍ତେଶ୍ୱର ପଧାନ ଏବଂ ରେଆର , ରାଧା ଏବଂ ଏନ.ଆର.ଡି.ସି. ର ସ୍ୱେଚ୍ଛାସେବୀ ସଭାକୁ ସଫଳ କରିବାରେ ବିଶେଷ ସହଯୋଗ କରିଥିଲେ ।

## ପୋଲିସ ପ୍ରଶାସନର ଇଦ-ଉଲ-ଜୁହା ପାଇଁ ଆଲୋଚନା

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ଜିଲ୍ଲା ଏବଂ ସହରରେ ବସବାସ କରୁଥିବା ସଂଖ୍ୟାଲଘୁ(ମୁସଲମାନ) ସଂପ୍ରଦାୟ ମାନଙ୍କର ପର୍ବ ଇଦ-ଉଲ-ଜୁହା ଆସନ୍ତା ଗୁରୁବାର ପାଳନ ହେବାକୁ ଥିବାରୁ ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ମଡକରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଟାଉନ ଥାନା ଅଧିକାରୀ ତପନ କୁମାର ନାୟକ, ପୌର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୨୯ ତାରିଖ ହେବାକୁ ଥିବା ଏହି ପର୍ବ ଉପଲକ୍ଷେ ପୌରସଂସ୍ଥା ତରଫରୁ ଗ୍ରାମ ଗୁଡିକରେ ବ୍ଲିଚିଂ ପାଉଡର ପକାଇବା, ଡ୍ରେନକୁ ସଂପୂର୍ଣ୍ଣ ସଫା କରିବା, ସୁଇପର ଗାଁ ଗାଁ ବୁଲି ଅଳିଆ, ଆବର୍ଜନା ଉଠାଇବା ଏବଂ ସକାଳ ୭ଟାରୁ ସଂନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ ଜାରି ରହିବା ପାଇଁ ଆଲୋଚନା କରାଯାଇ ଥିଲା ।

# ମହାପ୍ରଭୁଙ୍କ ଅପେକ୍ଷାରେ ମାଉସୀମାଙ୍କ ପୋଡ଼ପିଠା

ପୁରୀ, (ପି.ଏନ): ମହାପ୍ରଭୁଙ୍କ ରଥଯାତ୍ରା ମାନବୀୟ ପରିପ୍ରକାଶର ଏକ ଜ୍ୱଳନ୍ତଯାତ୍ରା । ବିଶ୍ୱରେ ଏଭଳିଯାତ୍ରା ଦେଖିବା ବିରଳ । ରତ୍ନସିଂହାସନ ଛାଡ଼ି ଭକ୍ତଙ୍କ ନିକଟକୁ ଆସନ୍ତି ମହାପ୍ରଭୁ । ଶ୍ରୀଗୁଣ୍ଡିଚା ଜନ୍ମବେଦୀର ମୋହ ଓ ମାଉସୀମାଙ୍କ ପୋଡ଼ପିଠାର ସ୍ୱାଦ ପ୍ରଭୁ ଭୁଲିନପାରି ବର୍ଷକ ମଧ୍ୟରୁ ନବଦିନ ଯାତ୍ରା କରିଥାନ୍ତି । ପୂର୍ବରୁ ବଡ଼ଦାଣ୍ଡ ବଳଗଣ୍ଡି ଠାରେ ମାଳିନୀ ନଦୀ ପ୍ରବାହିତ ହେଉଥିଲା । ନଦୀ କୂଳରେ ଅର୍ଦ୍ଧାସିନୀ ମାଉସୀମା ବିରାଜମାନ କରିବା ସହ ନଦୀର ଜଳକୁ ଶୋଷଣ କରି ପ୍ରଭୁଙ୍କ ବାଟ ଶୁଖାଇଥାନ୍ତି ବୋଲି କଥିତ ଅଛି । ତ୍ରେତୟା ଯୁଗରେ ମା କୈକେୟୀ ଓ ଦ୍ୱାପର ଯୁଗରେ ମା ଯଶୋଦାଙ୍କ ଏବଂ କଳିଯୁଗରେ ମା ଅର୍ଦ୍ଧାସିନୀ ଭାବେ ପ୍ରଭୁଙ୍କ ମାଉସୀ ଭାବେ ପରିଚିତ । ପୌରାଣିକ ମତ ଅନୁସାରେ କଥିତ ଅଛି ପ୍ରଭୁ ରାମଚନ୍ଦ୍ରଙ୍କୁ ବାତ୍ସଲ୍ୟ ମମତା ସ୍ୱରୂପ ମାଉସୀ ପୋଡ଼ପିଠା ଦେଇ ମନସ୍କାମନା ପୂର୍ଣ୍ଣ କରିଥିଲେ । କଳି ଯୁଗରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଉସୀ ହୋଇ ପୋଡ଼ପିଠା ପ୍ରଦାନ କରି ଯୁଗ ଯୁଗ ଧରି ଏହି ବାତ୍ସଲ୍ୟ ପ୍ରେମର ପ୍ରତୀକ ପାଲଟିଛନ୍ତି । ରଥଯାତ୍ରାରେ ଭୋଗ ମଧ୍ୟରେ ମୁଖ୍ୟ ଆକର୍ଷଣ ହେଉଛି ପୋଡ଼ପିଠା । ମହାପ୍ରଭୁ ଶ୍ରୀଗୁଣ୍ଡିଚା ଦିନ ଯିବା ସମୟରେ ମାଉସୀମା ପୀଠ ନିକଟରେ ଫଳ ପ୍ରସାଦ ପାଇବା ସହ ବାହୁଡ଼ାରେ ମା'ଙ୍କ ପୋଡ଼ପିଠା ପାଇଁ ନିବେଦନ କରି ରଥ ଗଡ଼ିଥିଲା । ବାହୁଡ଼ାଯାତ୍ରାରେ ପୋଡ଼ପିଠା ପ୍ରସାଦ ଭୋଗ ଲାଗି ହୁଏ । ଏହି ପିଠାର ନାମ ପୋଡ଼ପିଠା । କିନ୍ତୁ ଏହା ପୋଡ଼ା ଯାଏନାହିଁ । ବାମ୍ଫରେ ସିଝି ଭଲ ଘିଅରେ ଛଣା ଯାଏ । ହେରାପଞ୍ଚମୀ ଠାରୁ ପିଠାର ପ୍ରସ୍ତୁତି ଆରମ୍ଭ ହୋଇଥାଏ । ବାହୁଡ଼ାଦିନ ପୋଡ଼ପିଠା ପ୍ରଭୁଙ୍କୁ ଅର୍ପଣ ହେବା ପରେ ଏହା ପ୍ରସାଦ ହୋଇଯାଏ । ଏହି ପ୍ରସାଦ ପାଇବା ପାଇଁ ଭକ୍ତମାନେ ଚାହିଁ ରହିଥାନ୍ତି । ପୋଡ଼ପିଠା ନିର୍ମାଣ ପ୍ରସ୍ତୁତିରେ ଅନେକ ରହସ୍ୟ ରହିଛି । ଅଟା,ଛେନା, ଦେଶୀଗାଇ ଘିଅ, ଖିସିମିସ୍, ଚିନି,ପିସ୍ତା ବାଦାମ,ଅଳେଇଚ,ଲବଙ୍ଗ, ଗୁଜୁରାତି ମିଶ୍ରଣ କରାଯାଇ ଘିଅରେ ଚକଟା ଯାଇ ମାଟି ପଲମରେ ବାମ୍ଫ ଜରିଆରେ ସିଝା ଯାଏ । ପରେ ଏହି ମିଶ୍ରିତ ବାମ୍ଫ ପିଣ୍ଡୁଳାକୁ ଥଣ୍ଡା କରାଯାଇ ଛୋଟ ଛୋଟ ଖଣ୍ଡ କରାଯାଏ । ଏହି କଟା ଖଣ୍ଡ ଗୁଡ଼ିକୁ କାଠ ଚୁଲାରେ କରେଇ ବସାଇ ଭଲ ଘିଅ ପକାଇ ଛଣାଯାଏ । ଏହି ପୋଡ଼ପିଠାର ସ୍ୱାଦ ଏକ ଅନନ୍ୟ ଅନୁଭବ ଆଣିଦିଏ । ରଥରେ ଲାଗିହେବା ପରେ ଏହି ପ୍ରସାଦକୁ ଭକ୍ତ ସେବନ କରିବା ସମୟରେ ଭକ୍ତି ଭାବ ମନରେ ସିଂହରଣ ସୃଷ୍ଟି କରିଥାଏ । ଏହି ପିଠା ଦୁଇ ସପ୍ତାହ ପର୍ଯ୍ୟନ୍ତ ସତେଜ ରହିଥାଏ । ସବୁ ପ୍ରଭୁଙ୍କ ଇଚ୍ଛା । ମାଉସୀଙ୍କ ବାତ୍ସଲ୍ୟକୁ ବିଶ୍ୱ ବିଦିତ ଠାକୁର ଶ୍ରୀଜଗନ୍ନାଥ ଭୁଲି ପାରିନାହାନ୍ତି । ବର୍ଷକରେ ଗୋଟିଏ ଦିନ ହେଲେ ମଧ ମାଉସୀଙ୍କ ପୋଡ଼ପିଠା ପ୍ରଭୁ ଗ୍ରହଣ କରିଥାନ୍ତି । ଏହି ସେବା ଯୋଗାଉଛନ୍ତି ମାଉସୀମା ମନ୍ଦିରର ମୁଖ୍ୟ ସେବକ ବିଶ୍ୱନାଥ ମିଶ୍ର । ଶ୍ରୀମିଶ୍ର କୁହନ୍ତି ଦୀର୍ଘ ୨୫ ବର୍ଷ ହେଲାଣି ମୁଁ ଏହି ସେବା କରି ଆସୁଛି । ଶ୍ରୀଗୁଣ୍ଡିଚା ଦିନ ଠାରୁ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ହବିଷ୍ୟ ପାଳନ କରିବା ସହ ନିଷ୍ଠା ଓ ଭକ୍ତିର ସହ ଏହି ପୋଡ଼ପିଠା ପ୍ରସ୍ତୁତିରେ ନିଜକୁ ସମର୍ପିତ କରିଛି । ବହୁ ପ୍ରଚେଷ୍ଟା ପରେ କିଛି ବର୍ଷ ହେଲାଣି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱଳ୍ପ ସାହାଯ୍ୟ ତିନି ହଜାର ପାଞ୍ଚଶହ ଟଙ୍କା ପିଠା ପ୍ରସ୍ତୁତି ପାଇଁ ମିଳୁଛି । ଏହା ଯଥେଷ୍ଟ ନଥିଲେ ମଧ ନିଜସ୍ୱ ଓ ଭକ୍ତଙ୍କ ସାହାର୍ଯ୍ୟ ନେଇ ପିଠା ପ୍ରସ୍ତୁତି ହେଉଛି । ବର୍ଷକ ଯାକ ମନ୍ଦିର ପରିଚାଳନା କରିବା କଷ୍ଟସାଧ ହେଲେ ମଧ ମା'ଙ୍କ କୃପାରୁ ସମସ୍ତ କାର୍ଯ୍ୟ ସଠିକ୍ ଭାବେ ଚାଲୁଅଛି । ବଂଶାନୁକ୍ରମିକ ଭାବେ ଏହି ସେବା କରୁଅଛି । ଏହି ପିଠା ପ୍ରସ୍ତୁତିରେ ଲିଙ୍ଗରାଜ ପଣ୍ଡା, ଶୁଭେନ୍ଦୁ ତ୍ରିପାଠୀ,ରତିକାନ୍ତ ମହାପାତ୍ର ସହଯୋଗ କରୁଛନ୍ତି । ମାଉସୀମା'ଙ୍କ ମାହାତ୍ମ୍ୟ ଅତି ପୁରାତନ । ମାଳିନୀ ନଦୀ ମା ଅଧେ ଶୋଷି ଦେଇଥିବା କଥିତ ଅଛି । ରଥଯାତ୍ରା ସମୟରେ ମାଉସୀମା'ଙ୍କ ପୋଡ଼ ପିଠା ବିଶ୍ୱପ୍ରସିଦ୍ଧ । ଲକ୍ଷ ଲକ୍ଷ ଭକ୍ତ ରଥଯାତ୍ରା ସମୟରେ ଓ ଅନ୍ୟ ସମୟରେ ବଡ଼ଦାଣ୍ଡରେ ଯିବା ବେଳେ ପୀଠରେ ଅଟକି ମୁଣ୍ଡିଆ ମାରିଥାନ୍ତି ।

# ତେଲ ବ୍ରିଜ ଉଭୟ ପଟ ରାସ୍ତାର ବାଲି ସଫା କଲେ ସ୍ୱେଚ୍ଛାସେବୀ - ଦ୍ୱିତୀୟ ଦିନରେ ସାମିଲ ହେଲେ ଦୁଇ ଜଣ ଟ୍ରାକ୍ଟର ମାଲିକ ଓ ସହଯୋଗୀ

ସୁବର୍ଣ୍ଣପୁର, (ପି.ଏନ): ସୋନପୁର ମନମୁଣ୍ଡା ତେଲ ବ୍ରିଜରେ ଦୀର୍ଘମାସରୁ ଜମି ଥିବା ବାଲି ସବୁକୁ ସଫା କଲେ ସ୍ୱଚ୍ଛ ଭାରତ ସଂଗଠନ ସୋନପୁର ମନମୁଣ୍ଡାର ସ୍ୱେଚ୍ଛାସେବୀ । ବ୍ରିଜରେ ଜମି ଥିବା ପ୍ରଥମ ବର୍ଷା ପାଣି, ବାଲି, ଖାଲ ନାଳ ଓ ଲୁହକ୍ଷ ଛଡ଼ ଯୋଗୁଁ ପ୍ରତ୍ୟହଃ ଯିବା ଆସିବା କରୁଥିବା ହଜାର ହଜାର ଗାଡି ଚାଳକ ଓ ଯାତ୍ରୀ ଅସୁରକ୍ଷିତ ମନେକରୁଥିବା ଅଭିଯୋଗ ହୋଇଥିବାରୁ ଓ ଛୋଟ ବଡ଼ ଦୁର୍ଘଟଣା ମଧ ଘଟୁଥିବାରୁ ପ୍ରତିବର୍ଷ ଏ ସ୍ୱେଚ୍ଛାସେବୀମାନେ ଲୋକଙ୍କୁ ଏକାଠି କରି ଏ ମହା ଅଭିଯାନକୁ ସପ୍ତାହେ ବ୍ୟାପି ଚାଲୁ ରଖନ୍ତି କ୍ଷ ୧୯୭୩ ମସିହାରେ ଓଡିଶାର ରାଜ୍ୟପାଳ ବିଡି ଜଟ୍ଟୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇ ବାଲାଙ୍ଗୀର ସୋନପୁରରୁ ବୌଦ୍ଧ ଜ଼ିଲ୍ଲା ଓ ରାଜଧାନୀ ଭୁବନେଶ୍ୱର କୁ ସଂଯୋଗ କରୁଥିବା ଏହି ପୁରାତନ ତେଲ ବ୍ରିଜ ଦୀର୍ଘ ଦିନ ରୁ ରୁଗ୍ଣ ଓ ଜରାଜୀର୍ଣ ଅବସ୍ଥା ରେ ରହିଛି କ୍ଷ କିନ୍ତୁ ଏହାର ଯତ୍ନ ଓ ରକ୍ଷଣା ବେକ୍ଷଣ ଦିଗରେ ଏନ ଏଚ ବିଭାଗ ଓ ରାଜ୍ୟ ପ୍ରଶାସନର ଅଣଦେଖା ଯୋଗୁଁ ଆଜି ଆଉ ଏକ ଦ୍ୱିତୀୟ ନୂତନ ପୋଲର ଆବଶ୍ୟକ ଜରୁରୀ ହୋଇ ପଡିଛି । ଯଦି ପବ୍ଲିକ କିମ୍ବା ସାମ୍ବାଦିକଙ୍କ କେବେ କିଛି ଅଭିଯୋଗ ହୁଏ ତାହେଲେ କେବେ କେବେ ରଙ୍ଗ ଓ ସିମେଂଟ ପିଚୁ ଟିକିଏ ବୋଳିଦେଇ ଏନଏଚ ବିଭାଗ ଚତୁରତାର ସହ ନିଜ କୁ ଦୋଷ ମୁକ୍ତ ଭାବେ । ଆଜିର ଏହି ବାଲି ସଫେଇ ଅଭିଯାନରେ ଜ଼ିଲ୍ଲା ଟ୍ରାକ୍ଟର ମାଲିକ ବୈକୁଣ୍ଠ ଶତପଥୀ, ଭଗବାନ ଭୁକ୍ତକ୍ଷଙ୍କ ସହିତ ତାଙ୍କ କିଛି ଲେବର ମଧ ସାମିଲ ହୋଇ ତାଙ୍କ ମହାନତା ଦେଖାଇଛନ୍ତି କ୍ଷ ସ୍ୱଚ୍ଛ ଭାରତ ସଂଗଠନର ଉଦ୍ୟୋକ୍ତା ସୟଦ ଅଲିମୁଲ ଇସଲାମ, ଗରିବ ଲୋଇ, ପୋଲିସ ଆର ଆଇ ପ୍ରଦ୍ୟୁମ୍ନ ପଟେଲ, ପ୍ରହଲ୍ଲାଦ ମିଶ୍ର, ଇନ୍ଦୁମତୀ ପୁରୋହିତ, ମନୋରଞ୍ଜନ ତ୍ରିପାଠୀ, ମନୋଜ ପଣ୍ଡା, ନାରାୟଣ ରଥ, ଲଡ୍ଡୁ କିଶୋର ମଲ୍ଲିକ, ସୁଶାନ୍ତ ସାହୁ, ଜୟନ୍ତ ବେହେରା, ସିମାଂଚଳ ହୋତା, ଡା. ସରୋଜ ପଟେଲ, ରୋମୁ ତିୱାର, ବିକ୍ରମ ବାବୁ, ମିଲୁ ବାବୁ, ବାବୁଲା ସାହୁ ପ୍ରମୁଖ ଅନେକ ସଭ୍ୟ ଯୋଗ ଦେଇ ଆଜି ଏ ଅଭିଯାନକୁ ଦ୍ୱିତୀୟ ଦିନରେ ପହଂଚାଇଛନ୍ତି । ପ୍ରକାଶ ଥାଉ କି ଯେ ୨୦୧୪ ମସିହାରୁ ଏହି ସଂଗଠନ ତେଲ ବ୍ରିଜର ରକ୍ଷଣା ବେକ୍ଷଣ ପାଇଁ ବାଲି ସଫେଇ ଓ ଉଭୟ ପଟର ଖାଲ ପୋତିବା ସହିତ ସୁପ୍ତହୋଇ ରହିଥିବା ବୌଦ୍ଧ ବାଲାଙ୍ଗୀର ଏନ ଏଚ ବିଭାଗକୁ ଜାଗ୍ରତ କରିଆସୁଥିବା ଅନେକ ନଜିର ଅଛି ।

# ବଲାଙ୍ଗୀର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସାଧାରଣ ପରିଷଦ ବୈଠକ ଓ ପ୍ରତିଷ୍ଠା ଦିବସ

ବଲାଙ୍ଗୀର, (ପି.ଏନ): ବଲାଙ୍ଗୀର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସାଧାରଣ ପରିଷଦ ବୈଠକ ଓ ପ୍ରତିଷ୍ଠା ଦିବସ ର ସଭା ସଦେଇପାଲି ସ୍ଥିତ ରାଧାକୃଷ୍ଣ ମନ୍ଦିର ରେ ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ବାଲେଶ୍ୱର ରେଳ ଦୁର୍ଘଟଣାରେ ଓ ବଲାଙ୍ଗିର ଛୁଇଁବନ୍ଧ ଟାରେ ହୋଇଥିବା ଦୁର୍ଘଟଣାରେ ମୃତକଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସାଧାରଣ ସଂପାଦକ ମନୋରଂଜନ ମିଶ୍ର ସମସ୍ତଙ୍କୁ ସ୍ୱାଗତ ପୂର୍ବକ ଗତ ସାଧାରଣ ସଭାର ବିବରଣୀ ପଠନ କରିଥିଲେ । ତତ୍ ସଙ୍ଗେ ସଭାରେ ଆଲୋଚିତ ହେବାକୁ ଥିବା ଏଜେଣ୍ଡା ଉପସ୍ଥାପିତ କରିଥିଲେ । ସଭାରେ ସମସ୍ତଙ୍କୁ ନିଜସ୍ୱ ନିଜସ୍ୱ ମତାମତ ଉପସ୍ଥାପନ କରିବାକୁ ନିମନ୍ତ୍ରଣ କରାଯାଇଥିଲା । ଅନେକ ଅନୁଭବୀ ସଦସ୍ୟମାନେ ବହୁମୁଲ୍ୟ ମତ ଉପସ୍ଥାପନ କରିଥିଲେ । ବିଭିନ୍ନ ମତାମତ ଦେଇଥିବା ସଭ୍ୟମାନେ ହେଲେ ଇଂ. ହରେକୃଷ୍ଣ ମେହେର, କୈଳାଶ ମହାପାତ୍ର, ମଳିଆ ଗଡ୍ଡୁଆ, ଧନଞ୍ଜୟ ମିଶ୍ର, କପିଳେଶ୍ୱର ଖମାରୀ, ଡ. ପ୍ରମୋଦ ମିଶ୍ର, ଶିବ ଶଙ୍କର ଖୁଆସ, ମୁଖ୍ୟ ଉପଦେଷ୍ଟା । ସୁଧାଂଶୁ ଦର୍ଜୀ, ବାସୁଦେବ ମେହେର, ଅଶୋକ କୁମାର ମିଶ୍ର, ଉପସଭାପତି ବିରଂଚି ହୋତା ଓ ଗଙ୍ଗାବିଷ୍ଣୁ ପାଣିଗ୍ରାହୀ ।

# ବୀର ମହାରାଜପୁରରେ ଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ୯୦ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, (ପି.ଏନ); ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ବ୍ଲକ୍ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବୀର ମହାରାଜପୁର ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢ଼ୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ସମ୍ବନ୍ଧୀୟ ୯୦ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୮୪ ଗୋଟି ଓ ସାମୁହିକ ଦରଖାସ୍ତ ୬ ଗୋଟି ଗ୍ରହଣ କରାଯାଇଛି । ୧୮ ଟି ଅଭିଯୋଗର ତତ୍କାଳୀନ ସମାଧନ ହୋଇଥିବା ବେଳେ ଗ୍ରହଣ କରାଯାଇଥିବା ଅନ୍ୟାନ୍ୟ ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀର ମହାରାଜପୁର, ମୋତିଲାଲ ସୁଲିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ଉପ ଜିଲ୍ଲାପାଳ, ବୀରମହାରାଜପୁର ଅଶୋକ କୁମାର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ. ବିଶ୍ୱ ରଞ୍ଜନ ପତି, ଡି.ଇ.ଓ. ଲକ୍ଷ୍ମଣ ଭୋଇ, ସି.ଏସ.ଓ. ସୁରେଶ ପାଣିଗ୍ରାହୀ, ଶିଶୁ ସୁରକ୍ଷା ଅଧିକାରୀ ବିଜୟ କୁମାର ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲ୍ଲା ପଂଚାୟତ ଅଧିକାରୀଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ । ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଡ଼ୋଲାମଣି ଭୋଇ, ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା, ତହସିଲଦାର ବିବୁଧ ଗଡ଼ନାୟକ, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ବିଭିନ୍ନ ବ୍ଲକ ସ୍ତରୀୟ ଅଧିକାରୀ ଓ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ମଧ ଶିବିରରେ ଯୋଗଦାନ କରିଥିଲେ ।


MAHARISHI PUBLIC SCHOOL

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Wednesday June 28, 2023 ଭୁବନେଶ୍ୱର ବୁଧବାର, ଜୁନ ୨୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ପ୍ରଦେଶ କଂଗ୍ରେସ ସଭାପତି ଏକାମ୍ର କ୍ଷେତ୍ରରେ ଚାଲିଥିବା ଯଜ୍ଞ ଦେଖିଲେ



ଭୁବନେଶ୍ୱର,(ପି.ଏନ): ଏକାମ୍ର ପ୍ରକଳ୍ପର ଭୂମିପୂଜନ ସ୍ଥାନରେ ବହୁ ମୁନି, ଋଷି, ସାଧୁ ସନ୍ଥ ମାନଙ୍କ ଦ୍ୱାରା ଚାଲିଥିବା ଯଜ୍ଞସ୍ଥଳକୁ ଆଜି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ପରିଦର୍ଶନ କରିଥିଲେ। ପୂର୍ବତନ ପିସିସି ସଭାପତି ଶ୍ରୀ ଜୟଦେବ ଜେନା, ବରିଷ୍ଠ କଂଗ୍ରେସ ନେତା ତଥା ଉପସଭାପତି ଶ୍ରୀ ଶିବାନନ୍ଦ ରାୟ , ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ପିସିସିର ସାଧାରଣ ସଂପାଦିକା ଶ୍ରୀମତୀ ରଶ୍ମି ମହାପାତ୍ର ଏବଂ ବହୁ କଂଗ୍ରେସ ନେତୃବୃନ୍ଦ ଶ୍ରୀ ପଟ୍ଟନାୟକଙ୍କ ସହିତ ଯଜ୍ଞସ୍ଥଳ ପରିଦର୍ଶନ କରି ସାଧୁସନ୍ଥଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଶ୍ରୀ ପଟ୍ଟନାୟକ ତଥା ସମସ୍ତ କଂଗ୍ରେସ ନେତୃବୃନ୍ଦ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ଅନ୍ତର୍ଜାତୀୟ ନିଷିଦ୍ଧ ନିଶ୍ଚେତକ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଚୋରାଚାଲାଣ ବିରୁଦ୍ଧ ଦିବସ ପାଳିତ

ମାଲକାନଗିରି,(ପି.ଏନ): ମାଲକାନଗିରି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଯୁବ ରେଡକ୍ରସର ମିଳିତ ଉଦ୍ୟମରେ ଅନ୍ତର୍ଜାତୀୟ ନିଷିଦ୍ଧ ନିଶ୍ଚେତକ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରା ଚାଲାଣ ବିରୁଦ୍ଧ ଦିବସ ଆଜି ପାଳିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ନିଶା ଦ୍ରବ୍ୟରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ ରେଡକ୍ରସର ଆବାହକ ତଥା ସମ୍ପାଦକ ଡଃ. ରଞ୍ଜନ କୁମାର ସ୍ୱାଇଁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରାୟତଃ ୨୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଏବଂ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ବୃନ୍ଦ ନିଶା ଦ୍ରବ୍ୟରୁ ଦୂରେଇ ରହିବା ପାଇଁ ସଂକଳ୍ପ ନେବା ସହ ଶପଥ ପାଠ କରିଥିଲେ।ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ପ୍ରାଧ୍ୟାପକ ଅଶୋକ କୁମାର ଷଡଙ୍ଗୀ, ନମିତା ଦଣ୍ଡସେନା, ଜିମୁତ ନାୟକ, ଲିପ୍ସା ରାଣୀ ନାୟକ, ପ୍ରେମାରେଖା ଭତ୍ରା, ତପନ ନାୟକ, ଟୁକୁନା ବଡୁ, ଆରତୀ ଲୁଗୁନ, ଦିପ୍ତିରେଖା ମିଶ୍ର, ଭାରତୀ ଦିଗାଲ, ଦଶରଥ ସାଣ୍ଡି, ଅଭିମନ୍ୟୁ ଦଳ ବେହେରା, ରତୁ ମଣ୍ଡଳ, ପ୍ରମୀୟ କୁମାର ମହାନ୍ତି, ସୁଶାନ୍ତ ମାଝୀ, ସ୍ନିଗ୍ଧା ସରକାର ଏବଂ ଅଣ ଶିକ୍ଷକ କର୍ମଚାରୀ ସୁନିଲ ସୋରେନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦି ଲିଟିଲ୍ ଏଞ୍ଜେଲ୍ ସୋସିଆଲ୍ ଅର୍ଗାନାଇଜେସନ ପକ୍ଷରୁ ମୋ ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ



ଯାଜପୁର,(ପି.ଏନ): ଯାଜପୁର ପୌରପାଳିକା ଅନ୍ତର୍ଗତ କଲ୍ୟାଣପୁର ଠାରେ ଦି ଲିଟିଲ୍ ଏଞ୍ଜେଲ୍ ସୋସିଆଲ୍ ସର୍ଭିସ୍ ଅର୍ଗାନାଇଜେସନ ର ମୁଖ୍ୟ ପରିଚାଳକ ମହେଶ୍ୱର ସାହୁଙ୍କ ଜନ୍ମଦିନ ଉପଲକ୍ଷେ ମୋ ପାଠଶାଳା କାର୍ଯ୍ୟକ୍ରମ ମାଧ୍ୟମରେ ନିରକ୍ଷର ରହିଥିବା ଶିଶୁ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଅଭିଭାବକ ମାନଙ୍କୁ ବୁଝାଇ ପାଠ ପଢ଼ା ସହି ବୌଦ୍ଧିକ, ଶାରିରୀକ ମାନସିକ ସ୍ତରରେ ଅଭିବୃଦ୍ଧି କରିବା ପାଇଁ ଶିକ୍ଷାଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଉଦଘାଟକ ଭାବେ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଭରତ ନାୟକ, ସଞ୍ଜୟ କର ଯୋଗଦେଇ ଅଭିଭାବକ ଓ ନିରକ୍ଷର ପିଲାମାନଙ୍କୁ ବହି, ଖାତା, ଖାଦ୍ୟ ପୁଡ଼ିଆ ବ୍ଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ତବିନ ସାମଲ, ମନୋଜ ମଲ୍ଲିକ, ବିବେକାନନ୍ଦ ବେହେରା, ସତ୍ୟପ୍ରକାଶ ଦାସ, ମାନସୀ ମିଶ୍ର, ମୁନମୁନ ସିଂ, ସୁବ୍ରତଜ୍ୟୋତି ସାହୁ, ରାକ୍ଷୀ ବେହେରା, ମାମୁନି ସେଠି, ପାୟଲ ପ୍ରିୟଦର୍ଶିନୀ ସାହୁ, ସ୍ୱର୍ଣ୍ଣ ମୁଦ୍ରା ସାହୁ, ଆଲୋକ ରଂଜନ ସାହୁ, ଜଗତ ଜୀବନ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଜଗତସିଂହପୁର ଜିଲ୍ଲାର ୧୦ଟି ହାଇସ୍କୁଲର ଉନ୍ନତିକରଣ ପାଇଁ ଇଫକୋ ପକ୍ଷରୁ ସହାୟତା

ପାରାଦୀପ,(ପି.ଏନ): ଓଡିଶା ସରକାରଙ୍କ ୫ଟି ଅନ୍ତର୍ଗତ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ ପାଇଁ ଉନ୍ନତ ମାନର ଶିକ୍ଷା ପ୍ରଦାନ ନିମନ୍ତେ ବହୁମୁଖି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାର ୧୦ଟି ହାଇସ୍କୁଲର ଶିକ୍ଷା ମାନ ବୃଦ୍ଧି ନିମନ୍ତେ ୩୩.୩୫ ଲକ୍ଷ ଟଙ୍କା ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ପ୍ରଦାନ କରାଯାଇଛି । ଏହି ଅର୍ଥରାଶିରେ ସ୍କୁଲର ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେଇ, ସାଇନ୍ସ ଲ୍ୟାବ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାର ଉନ୍ନତିକରଣ କରାଯିବ । ଏହି ପରିପ୍ରେକ୍ଷୀରେ ଇଫକୋ ପାରାଦୀପ ୟୁନିଟ୍ ନିର୍ଦ୍ଦେଶକ କେ.ଜେ.ପଟେଲ ଓ ପ୍ରଶାସନିକ ସହ ପରିଚାଳକ ପ୍ରସନ୍ନ କୁମାର ବେଉରା ସୋମବାର ଦିନ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟୱାରୀଙ୍କୁ ଏକ ଚେକ ପ୍ରଦାନ କରିଥିଲେ।

# ୩୦୦୦ ଯୁବକ-ଯୁବତୀଙ୍କୁ ଶିକ୍ଷା ଉପରେ ମିଳିବ ପ୍ରଶିକ୍ଷଣ

ଭୁବନେଶ୍ୱର,(ପି.ଏନ): 'ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ' ଓ 'ଥିଙ୍କ୍ ଜୋନ୍' ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷର ହୋଇଛି। ଏହି ଅନୁଷ୍ଠାନ 'ମୋ କଲେଜ' ସହ ମିଶି ରାଜ୍ୟରେ ଥିବା ବିଭିନ୍ନ କଲେଜରେ ୩୦୦୦ ଛାତ୍ରଛାତ୍ରୀଙ୍କୁକିଭଳି ଛୋଟ ପିଲାଙ୍କୁ ଶିକ୍ଷାଦାନ କରିବେ ତାହା ଉପରେ ପ୍ରଶିକ୍ଷଣ ଦେବେ। ଥିଙ୍କ୍ ଜୋନ୍ ଫେଲୋସିପ୍ ପ୍ରୋଗ୍ରାମ ନାମରେ ଏହି କାର୍ଯ୍ୟକ୍ରମ ଚାଲିବ। ଏହି ଅବସରରେ ଆଜି 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସ ନାୟକ ଏବଂ ଥିଙ୍କ୍ ଜୋନ୍ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିନାୟକ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଏମ୍ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଫେଲୋସିପ୍ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ କଲେଜରୁ ୩୦୦୦ ହଜାର ଛାତ୍ରଛାତ୍ରୀଙ୍କୁ ନିଆଯିବ। ଛାତ୍ରଛାତ୍ରୀଙ୍କ ବୟସ ୧୮ରୁ ୨୬ ବର୍ଷ ହୋଇଥିବ। ପାଠ ପଢୁଥିବା କିମ୍ବା ସ୍ନାତକ ଓ ସ୍ନାତକୋତ୍ତର ସାରିଥିବା ଛାତ୍ରଛାତ୍ରୀମାନେ ଏହି ଫେଲୋସିପ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ।ଗ୍ରାମାଞ୍ଚଳ, ଅର୍ଦ୍ଧସହରାଞ୍ଚଳ, ବିଶେଷ ସୁବିଧା ନଥିବା ସହରାଞ୍ଚଳରୁ ଆସୁଥିବା ଛାତ୍ରଛାତ୍ରୀମାନେଆଗାମୀ ଦୁଇବର୍ଷ ପର୍ଯ୍ୟନ୍ତନିଜ ଅଞ୍ଚଳରେ ଥିବା ପିଲାଙ୍କୁ କିଭଳି ଗୁଣାତ୍ମକ ଶିକ୍ଷା ଦେଇପାରିବେ ତାହା ଉପରେ ପ୍ରଶିକ୍ଷଣ ଦିଆଯିବ। ଏହି ୩୦୦୦ ହଜାର ପିଲାମାନେ ପ୍ରଶିକ୍ଷଣ ନେବା ପରେ ନିଜ ଅଞ୍ଚଳରେ ଥିବା ପାଖାପାଖି ୧୫ ହଜାର କୁନି ପିଲାଙ୍କ ଭାଷା ଓ ଗଣିତ ପାଠର ମୂଳଦୁଆକୁ ବୃଦ୍ଧି କରିପାରିବେ। କାର୍ଯ୍ୟକ୍ରମରେ ଯୋଗାଯୋଗ, ଡିଜିଟାଲ୍ ଦକ୍ଷତା ସହ ସୋସିଆଲ୍ ମିଡିଆର ବ୍ୟବହାର, ଆର୍ଥିକ ସ୍ୱାକ୍ଷରତା, ଅଣୁ ଉଦ୍ୟୋଗ, ଶ୍ରେଣୀଗୃହ ପରିଚାଳନା, ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ, ଇଂରାଜୀ ଓ ଗଣିତ ପାଠ ଶିଖାଇବା, ନେତୃତ୍ୱ ନେବା, ଖେଳକୁଦ ମାଧ୍ୟମରେ କୁନି ପିଲାଙ୍କୁ ଶିକ୍ଷାଦେବାର ବିଭିନ୍ନ କୌଶଳ ଉପରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। କଟକ, କେନ୍ଦ୍ରାପଡ଼ା ଏବଂ ଖୋର୍ଦ୍ଧା ଜିଲ୍ଲାର ସମସ୍ତ କଲେଜରେ ଏହି କାର୍ଯ୍ୟକ୍ରମ ହେବ। ଛାତ୍ରଛାତ୍ରୀଙ୍କୁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ପ୍ରଶିକ୍ଷଣ ମିଳିବ। ସମୁଦାୟ ୧୨୦ ଘଣ୍ଟା ସେମାନେ ଏହି ପ୍ରଶିକ୍ଷଣରେ ବିତାଇବେ। ପ୍ରଶିକ୍ଷଣ ମାଗଣାରେ ନେବା ସହ ଏକ ସାର୍ଟିଫିକେଟ୍ ମଧ୍ୟ ଦିଆଯିବ। ଏପରିକି ପିଲାଙ୍କୁ ପଢ଼ାଇବା ସମୟରେ ଯୁବକ-ଯୁବତୀଙ୍କୁ ଆର୍ଥିକ ଖର୍ଚ୍ଚ ମିଳିବ। ଏହି ଏମ୍ଓୟୁ ସମ୍ପର୍କରେ 'ମୋ କଲେଜ' ଅଧ୍ୟକ୍ଷ ଶ୍ରୀ ଦାସନାୟକ କହିଛନ୍ତି, ବର୍ତ୍ତମାନ ସମୟରେ ବୈଷୟିକ ଶିକ୍ଷାର ଗୁରୁତ୍ୱ ସବୁଠୁ ଅଧିକ ରହିଛି। ଛାତ୍ରଛାତ୍ରୀମାନେ ଏକ୍ଷେତ୍ରରେ ଅଧିକରୁ ଅଧିକ ଦକ୍ଷ ହେବା ଦରକାର। ଏହି ଏମ୍ଓୟୁ ଦ୍ୱାରା ବୈଷୟିକ ଶିକ୍ଷାରେ ପିଲାମାନଙ୍କ ଜ୍ଞାନ ବଢ଼ିବ। ଆଗକୁ ସେମାନଙ୍କ ଭବିଷ୍ୟତ ଗଠନ ଦିଗରେ ଏହି ପ୍ରଶିକ୍ଷଣ ବହୁତ ସହଯୋଗ କରିବ। ଏସମ୍ପର୍କରେ ଥିଙ୍କ ଜୋନ୍ର ପ୍ରତିଷ୍ଠାତା ଶ୍ରୀ ଆଚାର୍ଯ୍ୟ କହିଲେ, ଏହି ପ୍ରଶିକ୍ଷଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ନିଜର ଭବିଷ୍ୟତ ଗଠନ ଦିଗରେ ସହଯୋଗ କରିବ। ଏହି ଏମ୍ଓୟୁ ସ୍ୱାକ୍ଷରିତ ହୋଇ ସରକାରଙ୍କ ଅନୁମୋଦନ ପାଇଁ ଯାଇଛି। ସରକାର ଏହାକୁ ଅନୁମୋଦନ କରିବା ପରେ ଏମ୍ଓୟୁ କାର୍ଯ୍ୟକାରୀ ହେବ।ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଥିଙ୍କ୍ ଜୋନ୍ ଗ୍ରାମାଞ୍ଚଳ ଓ ସହରାଞ୍ଚଳରୁ ପ୍ରାୟ ୬୦୦୦ ଯୁବକ-ଯୁବତୀଙ୍କୁ ପ୍ରଶିକ୍ଷିତ କରିସାରିଛି।

# ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଟାଟା ପାୱାର ଅଫିସ ଘେରାଉ କଲା

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଜିଲ୍ଲାର ବହୁ ନେତୃବୃନ୍ଦ ତଥା କଂଗ୍ରେସ କର୍ମୀମାନେ ଆଜି ପାୱାରହାଉସ ଛକ ସ୍ଥିତ ଟାଟାପାୱାର ଅଫିସକୁ ଘେରାଉ କରିବା ସହିତ ବିକ୍ଷୋଭ କରିଥିଲେ। ଗତ ତିନିବର୍ଷ ଧରି ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତସେବା ଯୋଗାଇ ଦେବା ପରିବର୍ତେ ପ୍ରତିଦିନ ଘନ ଘନ ବିଦ୍ୟୁତ କାଟ ଓ ବିଦ୍ୟୁତ ବିଲ୍‌ରେ ଜାଣିସୁଣି ଠକେଇ କରିବା ଏବଂ ସର୍ବନିମ୍ନ ମାସିକ ଆଦାୟ (ଗରଉ)ପ୍ରକୃତ ବ୍ୟବାହାର ହୋଇଥିବା ବିଦ୍ୟୁତ ୟୁନିଟ୍‌ଠାରୁ ଅଧିକ ଆଦାୟ ବର୍ଷ ବର୍ଷ ଧରି କରାଯାଉଥିବା ବିରୋଧରେ ଆଜି ଟାଟାପାୱାର ଅଫିସକୁ ଜିଲ୍ଲା କଂଗ୍ରେସର ନେତୃବୃନ୍ଦମାନେ ଘେରାଉ କରିଥିଲେ। ଓଇଆରସିର ନିର୍ଦ୍ଦେଶ ପରେ ମଧ ଟାଟାପାୱାର ଯେଉଁ ୨୭୨୭ କୋଟି ଟଙ୍କା ଅଧିକ ବିଦ୍ୟୁତ ଆଦାୟ କରିଛନ୍ତି ତାହାକୁ ଏପର୍ଯ୍ୟନ୍ତ ବିଦ୍ୟୁତ ଗ୍ରାହକଙ୍କୁ ଫେରାଇ ଦିଆଯାଉ ନାହିଁ କାହିଁକି। ଜାଣିସୁଣି ପ୍ରତିମାସରେ ଟାଟାପାୱାର ଓଡ଼ିଶାରୁ ୩୫ରୁ ୪୦ କୋଟି ଟଙ୍କା ଲୁଟକରି ଆଦାୟ କରୁଥିଲା ବେଳେ ଓଡ଼ିଶା ସରକାର ତାଙ୍କୁ ଏଥିରେ ସହଯୋଗ କରୁଛନ୍ତି ବୋଲି ନେତୃବୃନ୍ଦମାନେ ଅଭିଯୋଗ କରିଥିଲେ। ଜିଲ୍ଲା କଂଗ୍ରେସ ନେତୃବୃନ୍ଦମାନେ ଟାଟାପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି ବିଭିନ୍ନ ନାରାବାଜୀ କରିଥିଲେ ଏପରିକି ପୋଲିସ ସହିତ ଧସ୍ତାଧସ୍ତି ମଧ ହୋଇଥିଲା। ଜିଲ୍ଲା କଂଗ୍ରେସ ତରଫରୁ ଟାଟାପାୱାରର ସିଇଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବା ସହିତ ଟାଟାପାୱାରର ଅଧିକାରୀ ବୃନ୍ଦଙ୍କ ସହିତ ଏହି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଶ୍ରୀ ଜୟଦେବ ଜେନା, ଶିବାନନ୍ଦ ରାୟ, କିଶୋର ଜେନା, ଚିନ୍ମୟ ସୁନ୍ଦର ଦାସ, ଅଲୋକ ଲେଙ୍କା, ସୁବ୍ରତ ମହାପାତ୍ର, ଶ୍ରୀନିବାସ ରାଉତରାୟ, ମିହିର ଆଚାର୍ଯ୍ୟ, ରଜନୀ ମହାନ୍ତି, ଅଶୋକ ଦାସ, ତରୁଣ ମିଶ୍ର, ୟାସିର ନୱାଜ, ରଣଜିତ ପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ପ୍ରଣତି ମିଶ୍ର, ରଶ୍ମି ମହାପାତ୍ର, ଗିତାଳି ମହାନ୍ତି, ପୁଷ୍ପିତା ଦାସ, ଜୟଶ୍ରୀ ପାତ୍ର, ପ୍ରଭାତ ପ୍ରତାପ ସିଂ, ପ୍ରଶନ୍ନ ନାୟକ, ଦେବରାଜ ମିଶ୍ର, ମୋହନ ଜେନା, ଅକ୍ଷୟ ମହାନ୍ତି, ଅକ୍ଷୟ ଦାସ, ମଂଟୁ ମଲ୍ଲିକ, ରସିକ ପଟ୍ଟନାୟକ, ଅମୀୟ ପାଣ୍ଡବ, ଏସ୍‌କେ ତାକୁଦ୍ଦିନ, ବିଶ୍ୱଭୂଷଣ ମହପାତ୍ର, ବିରଂଚି ବାରିକ, ପ୍ରଦୀପ ମୁଦୁଲି, ଉଦ୍ଦିତ ପ୍ରଧାନ, ସଂକୁନା କହଁର, ସୁରଜ କୁମାର ରାଉତ, ବୈଲୋଚନ ସାହୁ, ଶ୍ରୀୟା ମହାନ୍ତି, ଶ୍ରୀୟା ପଣ୍ଡା, କୁସୁମ ପ୍ରଧାନ, ମିନତି ସାହୁ, ମାମିନା ବେହେରା ପ୍ରମୁଖ ଏହି ବିକ୍ଷୋଭରେ ଯୋଗଦେଇଥିଲେ।

# ପୁରୀରେ ଶ୍ରୀମନ୍ଦିର ଓ ଐତିହ୍ୟସ୍ଥାନର ଚିତ୍ରକଳା ପ୍ରଦର୍ଶନୀ



ପୁରୀ,(ପି.ଏନ): ଓଡିଶା ଲଳିତ କଳା ଏକାଡେମୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ବଡ ଦାଣ୍ଡର ରଥ, ଶ୍ରୀମନ୍ଦିର ଓ ପୁରୀର ବିଭିନ୍ନ ଐତିହ୍ୟ ସ୍ଥାନକୁ ନେଇ ଆୟୋଜିତ ହୋଇଛି ଦୁଇ ଦିନିଆ ଚିତ୍ରଶିଳ୍ପୀ ଶିବିର "ଶ୍ରୀକ୍ଷେତ୍ର"ଓ ଏଥିରେ ଓଡିଶାର ବିଭିନ୍ନ କଳା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ମୋଟ ୫୦ ଶିଳ୍ପୀ ଛାତ୍ର/ ଛାତ୍ରୀ ଅଂଶଗ୍ରହଣ କରିଥିଲେ ଓ ପୁରୀ ପାନ୍ଥନିବାସ ଠାରେ ଶିବିର ଉଦଯାପନୀ ଉତ୍ସବରେ ପୁରୀ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଏକାଡେମୀର ସଭାପତି ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଶିବିରର ଅଙ୍କିତ ଚିତ୍ରଗୁଡିକର ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ ଓ ଅତିଥିମାନେ ପ୍ରଦର୍ଶିତ ଚିତ୍ରର ଭୂୟସୀ ପ୍ରଶଂସା କରିବା ସହିତ ଶିଳ୍ପୀଙ୍କ ତୁଳୀରେ ପୁରୀର ଐତିହ୍ୟ, ରଥଯାତ୍ରା ଓ ଜଗନ୍ନାଥଙ୍କ ମହିମା ଉପରେ ପ୍ରଦର୍ଶିତ ଚିତ୍ର ବିଶ୍ୱବାସୀଙ୍କୁ ଅନୁପ୍ରାଣିତ କରିବ ବୋଲି ପ୍ରକାଶ କରିଥିଲେ ଓ ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥିମାନଙ୍କ ପରିଚୟ ପ୍ରଦାନସହ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ ଓ ଏହି ଶିବିରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ସ୍ମିତାପ୍ରଜ୍ଞା ବେହେରା,ପର୍ଶୁରାମ ମହାରଣା, ସୌମ୍ୟ ରଞ୍ଜନ ନାୟକ, ଇଶ୍ୱର କୁମାର ମହନ୍ତ,ଡଲିରାଣୀସାହୁ, ଧଉଳି ଚାରୁକଳା ମହାବିଦ୍ୟାଳୟରୁ ସୋଫିଆ ୟସ୍ମିନ, ସୁଜିତ ମଲ୍ଲିକ, ପ୍ରଣବ ରଞ୍ଜନ ଚିନାରା, ଗତିକୃଷ୍ଣ ନାୟକ ଓ ଜ୍ୟୋତି ରଞ୍ଜନ ମହାପାତ୍ର, କଳିଙ୍ଗ ଚାରୁକଳା ମହାବିଦ୍ୟାଳୟରୁ ପାୟଲ ପାତ୍ର, ସୁଦର୍ଶନ ବେହେରା, ଅଭୀପ୍ସା ସ୍ୱାଇଁ, ସୁଶ୍ରୀ ରୋଜାଲିନ ବେହେରା, ବିଭୁତି କାନୁନଗୋ ମହାବିଦ୍ୟାଳୟରୁ ପାର୍ଥସାରଥୀ ଜେନା, ଅଟଳ ବିହାରୀ ରାଉତରାୟ, ଚିତ୍ତ ରଞ୍ଜନ ମହନ୍ତ, ସୁମନ ଗୌଡ ଓ ଅମରଜିତ ସ୍ୱାଇଁ, ଖଲ୍ଲିକୋଟ ଚାରୁକଳା ମହାବିଦ୍ୟାଳୟରୁ ବାଦଲ ବେହେରା, ଦେବାଶିଷ ସାହୁ, ଗୁରୁ ସୀସା, ସଞ୍ଜୟ ଛତ୍ରିଆ ଓ ସୌମ୍ୟ ରଞ୍ଜନ ଶତପଥୀ,ବାଲେଶ୍ୱର ଚାରୁକଳା ମହାବିଦ୍ୟାଳୟରୁ ଦିଲ୍ଲୀପ କୁମାର ପଣ୍ଡା, ତନ୍ମୟ ପଟ୍ଟନାୟକ, ରିୟା ପ୍ରଧାନ, ଗୀତାଞ୍ଜଳୀ ସାହୁ, ଓ ବାଦଲ କୁମାର ନାୟକ, କଳାହାଣ୍ଡି ଚାରୁକଳା ମହାବିଦ୍ୟାଳୟରୁ ସୁକାନ୍ତ ପ୍ରଧାନ, ମଦନ ସୁନ୍ଦର ରାଣା, ଭଦ୍ରକ ଚାରୁକଳା ମହାବିଦ୍ୟାଳୟରୁ ବାପିନ ସାହୁ, ସିବେନ୍ଦୁ ଦାସ, ସୂର୍ଯ୍ୟକାନ୍ତ ବେହେରା, ତୁଷାର କାଣ୍ଡି, କ୍ଷୀରୋଦ ଧ୍ରଣ୍ଡା, କଳାୟତନ ଚାରୁକଳା ମହାବିଦ୍ୟାଳୟରୁ ପଙ୍କଜ ଭୋଇ, କୁନାଲ ସାହୁ, ପ୍ରଶାନ୍ତ ମିର୍ଦ୍ଧା ଓ ଅମୃତାଂଶୁ ଶେଖର କୁମ୍ଭାର, ଓଡିଶା ଚାରୁକଳା ମହାବିଦ୍ୟାଳୟରୁ ତପସ୍ୱିନୀ ମହାନ୍ତି, ମିଲନ ମିଶ୍ର, ପ୍ରଦ୍ୟୁମ୍ନ ଦାସ ଓ ସୁଶାନ୍ତ ମେହେର ଏବଂ ଏକ୍ସଜେନ ଚାରୁକଳା ମହାବିଦ୍ୟାଳୟରୁ ଚନ୍ଦନ କୁମାର ପରିଡ଼ା, ସିମ୍ରନ ସ୍ୱାଇଁ, କେ. ଆକାଶ କୁମାର, ଅମ୍ରିତା ସାହୁ ଓ ଅତୁଲ୍ୟ ଲୋହାର ପ୍ରମୁଖ ବଡ ଦାଣ୍ଡର ରଥ, ଜଗନ୍ନାଥ ଓ ଶ୍ରୀମନ୍ଦିର ଆଖପାଖ ଐତିହ୍ୟ ସ୍ଥାନକୁ ନିଜ ଚିତ୍ରରେ ଉପସ୍ଥାପନ କରିଥିଲେ ଓ ଶିଳ୍ପୀଙ୍କ ଚିତ୍ରରେ ଶ୍ରୀମନ୍ଦିରର ସିଂହଦ୍ୱାରା ସହ ଚାରି ଦ୍ୱାରର ଦୃଶ୍ୟ, ମାଉସୀମା ମନ୍ଦିର, ଗୁଣ୍ଡିଚା ମନ୍ଦିର, ଜଗନ୍ନାଥ ବଲ୍ଲଭ ମଠ, ଶ୍ୱେତ ଗଙ୍ଗା, ନରେନ୍ଦ୍ର ପୋଖରୀ, ଅଠର ନଳା, ମାର୍କଣ୍ଡ ପୋଖରୀ ଓ ଇନ୍ଦ୍ରଦ୍ୟୁମ୍ନ ପୋଖରୀ ଆଦିର ଦୃଶ୍ୟକୁ ଜଳରଙ୍ଗରେ ଖୁବ ସୁନ୍ଦର ଭାବରେ ଅଙ୍କନ କରିଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray